RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -116 ସଂଖ୍ୟା-୧୧୬
ଭୁବନେଶ୍ୱର, ଗୁରୁବାର ୧୬ ଜୁଲାଇ ୨୦୨୬
Bhubaneswar, Thursday 16 July, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ଆଜି ରଥଯାତ୍ରା

## ରଥ-ପଥ-ଭକ୍ତ ପ୍ରସ୍ତୁତ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



ପୁରୀ,୧୫।୭(ନି.ପ୍ର.): ରାତି ପାହିଲେ ମହାପ୍ରଭୁଙ୍କ ରଥଯାତ୍ରା। ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେବେ ତିନି ଠାକୁର। ବିଶ୍ୱ ଦେଖିବ ମହାପ୍ରଭୁଙ୍କ ମାନବୀୟ ଲୀଳା। ଆଜି ପ୍ରତିପଦା ତଥା ଶ୍ରୀମନ୍ଦିରରେ ଉଭା ଯାତ୍ରା ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିରରୁ ରଥଖଳାକୁ ଶ୍ରୀବିଗ୍ରହଙ୍କ ଆଜ୍ଞାମାଳ ବିଜେ କରାଯାଇଛି। ମନ୍ଦିରରୁ ୩ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ନେଇ ରଥଖଳା ବିଜେ କରାଇବା ପରେ ବିଜେ କାହାଳୀ ବାଜିଥିଲା। ରଥଖଳାରୁ ତିନି ରଥରେ ଦଉଡ଼ି ସଂଯୋଗ କରାଯିବ ପରେ ସିଂହଦ୍ୱାର ସମ୍ମୁଖକୁ ଟଣାଯାଇଥିଲା। ରଥଟାଣିବା ସମୟରେ ବଡ଼ଦାଣ୍ଡରେ ଘଣ୍ଟ, କାହାଳୀରେ ଫାଟି ପଡୁଛି । ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଟଣାଯାଉଛି। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ, ପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯାଇଥିଲା।

ଶ୍ରୀକ୍ଷେତ୍ର ପୁରୀରେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରାକୁ ନେଇ ସମଗ୍ର ଓଡ଼ିଶା ସହ ଦେଶ-ବିଦେଶର ଭକ୍ତଙ୍କ ଉତ୍ସାହ ଚରମ ସୀମାରେ ପହଞ୍ଚିଛି। ଏହାରି ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଆସନ୍ତାକାଲିର ରଥଯାତ୍ରା ପାଇଁ ସମ୍ପୂର୍ଣ୍ଣ ନୀତିକାନ୍ତି ଓ କାର୍ଯ୍ୟସୂଚୀ ପ୍ରକାଶ କରିଛି। ସବୁଠୁ ବଡ଼ ଆକର୍ଷଣ ହେଉଛି, ଅପରାହ୍ନ ୪ଟାରୁ ମହାପ୍ରଭୁଙ୍କ ତିନି ରଥ ବଡ଼ଦାଣ୍ଡରେ ଗଡ଼ିବା ଆରମ୍ଭ କରିବ।

ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ସକାଳ ୯ଟାରେ ରଥ ପ୍ରତିଷ୍ଠା ନୀତି ଆରମ୍ଭ ହେବ। ଏହାପରେ ସକାଳ ୯ଟା ୩୦ରୁ ଦିନ ୧୨ଟା ୩୦ ପର୍ଯ୍ୟନ୍ତ ପହଣ୍ଡି ବିଜେ ଅନୁଷ୍ଠିତ ହେବ। ଏହି ସମୟରେ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ପାରମ୍ପରିକ ରୀତିନୀତିରେ ରତ୍ନସିଂହାସନରୁ ପହଣ୍ଡି କରାଯାଇ ରଥ ଉପରକୁ ବିଜେ କରାଯିବ।ତା'ପରେ ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ଗଜପତି ମହାରାଜଙ୍କ ଦ୍ୱାରା ପବିତ୍ର 'ଛେରା ପହଁରା' ନୀତି ସମ୍ପନ୍ନ ହେବ। ଏହି ପରମ୍ପରା ଶ୍ରୀଜଗନ୍ନାଥ ସଂସ୍କୃତିରେ ସମାନତା ଓ ସେବାଭାବର ପ୍ରତୀକ ଭାବେ ପରିଚିତ। ଛେରା ପହଁରା ଶେଷ ହେବା ପରେ ଠିକ୍ ଅପରାହ୍ନ ୪ଟାରେ ତିନି ରଥ ଟଣା ଆରମ୍ଭ ହେବ, ଯାହାକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ସମବେତ ହେବେ।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ୍ ଗାଏବ ଘଟଣାରେ ଦୁଇ ଜଣଙ୍କୁ ସମନ୍

ଭୁବନେଶ୍ୱର,୧୫।୭: ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରୁ ଫାଇଲ୍ ? ଗାଏବ ଘଟଣାରେ କମିଶନରେଟ୍ ପଲିସର ସମନ। ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରାଜେଶ ବର୍ମା ଓ ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ରଙ୍କୁ ସମନ୍। ୩ ଦିନ ଭିତରେ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ସେମାନଙ୍କୁ କୁହାଯାଇଛି। ଦୁଇଟି କମିଶନ ତଦନ୍ତ ଫାଇଲ୍ ? ନ ମିଳିବା ଘଟଣାରେ ତନାଘନା କରୁଛି କମିଶନରେଟ୍ ପୁଲିସ।

## ଦେଶର ସର୍ବବୃହତ୍ ଆଣବିକ ଶକ୍ତି କେନ୍ଦ୍ରର ତଥ୍ୟ ଲିକ୍ !

ନୂଆଦିଲ୍ଲୀ,୧୫।୭: ଲିକ ହୋଇ ଯାଇଛି ଭାରତର ସର୍ବବୃହତ୍ତ ଆଣବିକ ଶକ୍ତି କେନ୍ଦ୍ରର ତଥ୍ୟ। କେନ୍ଦ୍ର ସହ ଜଡିତ ଅନେକ ତଥ୍ୟ ଏବେ ରାନସମୱେର ଗ୍ରୁପ୍ ୱାର୍ଲ୍ଡ ଲିକ୍ସ ଡାର୍କ ୱେବରେ ପୋଷ୍ଟ ହୋଇଛି। ପ୍ରକଳ୍ପର କିଛି ଅଂଶର ବ୍ଲୁପ୍ରିଣ୍ଟ, ଯୋଗାଣକାରୀଙ୍କ ବିବରଣୀ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଡାର୍କ ୱେବ୍‌ରେ ପୋଷ୍ଟ କରାଯାଇଥିବା ଗ୍ରୁପ ଦାବି କରିଛି। ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ ଠାରୁ ଏହି ତଥ୍ୟ ମିଳିଥିବା ମଧ୍ୟ ଏହାକୁ ପୋଷ୍ଟ କରିଥିବା ସଂସ୍ଥା ଦାବି କରିଛି।

ତାମିଲନାଡୁର କୁଡ଼ଙ୍କୁଲମରେ ରହିଛି ଭାରତର ସବୁଠାରୁ ବଡ ପରମାଣୁ ବିଦ୍ୟୁତ ପ୍ରକଳ୍ପ କେନ୍ଦ୍ର। କୁଡ଼ଙ୍କୁଲମ ପରମାଣୁ ବିଦ୍ୟୁତ କେନ୍ଦ୍ର ଭାରତର ୭ଟି ପରମାଣୁ ପ୍ରକଳ୍ପ ମଧ୍ୟରୁ ସବୁଠୁ ବଡ଼ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରମାଣୁ ଶକ୍ତି କ୍ଷମତା ବୃଦ୍ଧି ଯୋଜନାର ଏକ ପ୍ରମୁଖ ଅଂଶ। ହେଲେ ଏହି କେନ୍ଦ୍ରର ସମ୍ବେଦନଶୀଳ ତଥ୍ୟ ଲିକ ହୋଇଯାଇଥିବା ଦାବି କରାଯାଇଛି।

ରିଲାଏନ୍ସ ଗ୍ରୁପ୍ ହେଉଛି ପ୍ଲାଣ୍ଟର ଅନ୍ୟତମ କଣ୍ଟ୍ରାକ୍ଟର। ରିଲାଏନ୍ସ ଗ୍ରୁପ ରଏଟର୍ସକୁ କହିଛି ଯେ ଭାରତୀୟ ଡାଟା ସେଣ୍ଟର ସେବା ଯୋଟା ଦ୍ୱାରା ହୋଷ୍ଟ କରାଯାଉଥିବା ଗୋଟିଏ ସର୍ଭରରେ ଆଂଶିକ ଡାଟା ଉଲ୍ଲଂଘନ ଘଟିଥିଲା। ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। କିନ୍ତୁ କେଉଁ ତଥ୍ୟ ଲିକ୍ ହୋଇଛି, ସେନେଇ କମ୍ପାନୀ କୌଣସି ବିସ୍ତୃତ ତଥ୍ୟ ଦେଇନାହିଁ।ପରମାଣୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ନ୍ୟୁକ୍ଲିୟର ଥ୍ରେଟ୍ ଇନିସିଏଟିଭର ବରିଷ୍ଠ ଅଧିକାରୀ ନିକୋଲାସ ରୋଥ କହିଛନ୍ତି, ଯଦି ଏହି ତଥ୍ୟ ଲିକ ରିପୋର୍ଟରେ ସତ୍ୟତା ରହିଛି, ତେବେ ଏହା ଏହା ପରମାଣୁ କେନ୍ଦ୍ରର ସୁରକ୍ଷା ପାଇଁ ଗୁରୁତର ବିପଦ ସୃଷ୍ଟି କରିପାରେ।






## ଦୋହରୀକରଣ ହେବ ପାରାଦୀପ-ହରିଦାସପୁର ରେଲୱେ ଲାଇନ୍

ନୂଆଦିଲ୍ଲୀ,୧୫।୭(ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ଅର୍ଥନୈତିକ ବ୍ୟାପାର କମିଟି (ଉଉରଇ) ରେଳ ମନ୍ତ୍ରଣାଳୟର ଦୁଇଟି ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ବ୍ୟୟ ୩,୯୦୭ କୋଟି ଟଙ୍କା ରହିଛି। ଏହାର ଲକ୍ଷ୍ୟ ହେଲା ଓଡ଼ିଶା ଏବଂ ଝାଡ଼ଖଣ୍ଡରେ ରେଳ କ୍ଷମତା ବୃଦ୍ଧି କରିବା, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ମାଲ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା।

ମଞ୍ଜୁରୀ ପାଇଥିବା ପ୍ରକଳ୍ପଗୁଡ଼ିକ ହେଲା ପାରାଦୀପ-ହରିଦାସପୁର ଦୋହରୀକରଣ ପ୍ରକଳ୍ପ ଏବଂ ରାଜଖରସୁଆଁ-ଡାଙ୍ଗୁଆପୋଷୀ ଚତୁର୍ଥ ଲାଇନ୍ ପ୍ରକଳ୍ପ। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଭାରତୀୟ ରେଳ ନେଟୱର୍କରେ ପ୍ରାୟ ୧୪୫ କିଲୋମିଟର ରେଳପଥ ଯୋଡ଼ିହେବ ଏବଂ ଏହା ୨୦୩୦-୩୧ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଧାର୍ଯ୍ୟ କରାଯାଇଛି।ସରକାରଙ୍କ ଅନୁଯାୟୀ, ଏହି ପ୍ରକଳ୍ପଗୁଡ଼ିକ 'ପିଏମ୍ ଗତି ଶକ୍ତି' ଜାତୀୟ ମାଷ୍ଟର ପ୍ଲାନ ସହିତ ସମାନ ଭାବେ କାର୍ଯ୍ୟ କରିବ, ଯାହା ମଲ୍ଟିମୋଡାଲ କନେକ୍ଟିଭିଟି ଏବଂ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା ପାଇଁ ସମନ୍ୱିତ ଭିତ୍ତିଭୂମି ଯୋଜନା ଉପରେ ଗୁରୁତ୍ୱ ଦେଉଛି।ସରକାର ପକ୍ଷରୁ ଜାରି



କରାଯାଇଥିବା ଏକ ବିବୃତିରେ କୁହାଯାଇଛି ଯେ ଏହି ପ୍ରକଳ୍ପ ଦ୍ୱାରା ରେଳ କ୍ଷମତା ବୃଦ୍ଧି ପାଇବା ସହିତ ଗତିଶୀଳତା, କାର୍ଯ୍ୟକ୍ଷମତା ଏବଂ ସେବାର ନିର୍ଭରଯୋଗ୍ୟତାରେ ବଡ଼ଧରଣର ସୁଧାର ଆସିବ। ଏଥିସହିତ ପ୍ରମୁଖ ମାଲ ପରିବହନ କରିଡରଗୁଡ଼ିକରେ ଭିଡ଼ ମଧ୍ୟ କମିବ।ଏହି ବିବୃତିରେ କୁହାଯାଇଛି ଯେ ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ 'ନୂତନ ଭାରତ' ସଂକଳ୍ପକୁ ସାକାର କରିବ। ଏଗୁଡିକ ସାମଗ୍ରିକ ବିକାଶ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସ୍ୱାବଲମ୍ବୀ ବା 'ଆତ୍ମନିର୍ଭର' କରିବା ସହ ରୋଜଗାର ସୁଯୋଗ ସୃଷ୍ଟି କରିବ। ଏହି ପ୍ରକଳ୍ପ ଓଡ଼ିଶା ଏବଂ ଝାଡ଼ଖଣ୍ଡର ୪ଟି ପ୍ରମୁଖ ଜିଲ୍ଲାକୁ ସଂଯୋଗ କରିବ। ଏହା ଦ୍ୱାରା ପ୍ରାୟ ୧,୫୨୬ଟି ଗ୍ରାମର ୧୪ ଲକ୍ଷ ଜନସଂଖ୍ୟା ସିଧାସଳଖ ଉପକୃତ ହେବେ। ଏହି କ୍ଷମତା ବୃଦ୍ଧି ଫଳରେ ଲଳିତଗିରି ବୌଦ୍ଧ କମ୍ପ୍ଲେକ୍ସ, ଶ୍ରୀ ବଳଦେବଜୀଉ ମନ୍ଦିର ଏବଂ ମେଘାହାତୁବୁରୁ ପାହାଡ଼ ସମେତ ଅନେକ ପର୍ଯ୍ୟଟନ ସ୍ଥଳୀକୁ ଯିବା ସହଜ ହେବ।ସରକାରଙ୍କ କହିବା ଅନୁଯାୟୀ, ଏହି ରେଳପଥଗୁଡ଼ିକ କୋଇଲା, ଲୁହାପଥର, ଡୋଲୋମାଇଟ୍, ଚୂନପଥର ଏବଂ ଜିପସମ୍ ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ବାର୍ଷିକ ଅତିରିକ୍ତ ୪୪ ମିଲିୟନ ଟନ ମାଲ ପରିବହନ ସମ୍ଭବ ହେବ।ଏହି ପ୍ରକଳ୍ପ ଦ୍ୱାରା ପରିବେଶକୁ ମିଳିବାକୁ ଥିବା ଲାଭ ଉପରେ ଆଲୋକପାତ କରି ସରକାର କହିଛନ୍ତି ଯେ, ଏହି ଉନ୍ନତ ରେଳ ଭିତ୍ତିଭୂମି ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ, ପ୍ରାୟ ୬ କୋଟି ଲିଟର ତୈଳ ଆମଦାନୀ ସଞ୍ଚୟ କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ୨୯ କୋଟି କିଲୋଗ୍ରାମ କମ୍ କରିବ। ଏହି ନିର୍ଗମନ ହ୍ରାସ ଏକ କୋଟି ଗଛ ଲଗାଇବା ଦ୍ୱାରା ମିଳୁଥିବା ଲାଭ ସହିତ ସମାନ।କେନ୍ଦ୍ରସରକାର କହିଛନ୍ତିଯେ ଏହିପ୍ରକଳ୍ପଗୁଡ଼ିକ ଭାରତର ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଯୋଗଦାନ ଦେବ।


ପବିତ୍ର ରଥଯାତ୍ରା ଅବସରରେ
ଓଡ଼ିଶାର
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0083



15001/83/2627

ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭାତୃତ୍ୱ ଓ ସମାନତାର ପ୍ରତୀକ। ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଞ୍ଚଳିକ ମନ୍ଥନ
ଗୁରୁବାର, ୧୬ ଜୁଲାଇ ୨୦୨୬, ଭୁବନେଶ୍ୱର Thursday, 15 July 2026, Bhubaneswar





# ସରକାରୀ କେନ୍ଦ୍ର ଉଚ୍ଚ ପ୍ରାଥମିକ ନାହାଙ୍ଗ ପରିସରରେ ବନମହୋତ୍ସବ ଅନୁଷ୍ଠିତ

ମାହାଙ୍ଗା,୧୫।୭ :(ମନ୍ଥନ)ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ନାହାଙ୍ଗ ସରକାରୀ କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ନବଗଠିତ ପରିଚାଳନା କମିଟି ଆନୁକୂଲ୍ୟରେ ୟୁଥ୍ ଓ ଇକୋ କ୍ଲବ ସହାୟତାରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବୃକ୍ଷ ହିଁ ଜୀବନ, ବୃକ୍ଷବିନା ଆମେ ବଂଚିବା କଷ୍ଟକର ବୋଲି କହିବା ସହିତ ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳନ୍ଦୀ ଚରଣ ସାହୁ, ଉପାଧ୍ୟକ୍ଷା ପ୍ରଭାସିନୀ ପଣ୍ଡାଙ୍କ ସମେତ ପରିଚାଳନା କମିଟିର ସଭ୍ୟ ଚୌ. ଦେବୀପ୍ରସାଦ ପ୍ରହରାଜ, ସୁବାଷ ଚନ୍ଦ୍ର ଭୋଇ, ଜିତେନ୍ଦ୍ର ଦାସ, ରଂଜନ ମଲ୍ଲିକ, ପୁରୁଷୋତ୍ତମ ବେହେରା, ଉମାକାନ୍ତ ବେହେରା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ମିତାରାଣୀ ମହାନ୍ତି, ବନ୍ଦିତା ରାଉତ, ପିଙ୍କି ବାରିକ,ମାମିନା ସାହୁ, ବେବିନା ସାହୁ, ଅଙ୍ଗନୱାଡି କର୍ମୀ ଜୟନ୍ତୀ ଭଦ୍ର, ଆଶାକର୍ମୀ ଅନ୍ନପୂର୍ଣ୍ଣା ନାୟକ, ୱାର୍ଡ ସଭ୍ୟ ମନୋଜ ବାରିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତିରଂଜନ ମହାନ୍ତି, ସହକାରୀ ଶିକ୍ଷୟିତ୍ରୀ ବନଶ୍ରୀ ବାରିକ, ମନୋରମା ବେହେରା, ଗୁମିମଣି ସୋରେନ୍, ସିଆରସିସି ଭାଗବତ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ୨୫ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୟୁଥ ଓ ଇକୋ କ୍ଲବର ସଦସ୍ୟଥିବା ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସରସସୁନ୍ଦର କରିଥିଲେ ।

# ପୂଣ୍ୟଆତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକ ପାଳିତ

ମାହାଙ୍ଗା,୧୫।୭ :(ମନ୍ଥନ)ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିର ଦ୍ୱିତୀୟ ଭଞ୍ଜ ସାହିତ୍ୟିସଂସ୍କୃତି ସଂସଦ ଦୁଲାରପୁର,ଗୋପାଳପୁର ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସଂସଦର ସଂପାଦକ ଗୌତମ ଚରଣ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରେଶ୍ୱର ପଂଚାୟତର ସରପଂଚ କମଳାକାନ୍ତ ରାଉତ, ଗୋପାଳପୁର ପଂଚାୟତର ପୂର୍ବତନ ସରପଂଚ ସୁବାଷ ଚନ୍ଦ୍ର ମହାନ୍ତି, ସଂସଦର କୋଷାଧ୍ୟକ୍ଷ କଲ୍ଲୋଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସଂପାଦକ ତଥା ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ସ୍ତମ୍ଭକାର ବିବେକାନନ୍ଦ ଦାସ, କବି ରାଜକିଶୋର ମିଶ୍ର, ସମାଜସେବୀ ପବିତ୍ର ମୋହନ ପ୍ରଧାନ, ଆମ୍ବେଦକର ଦଳିତ ସଂଘର ସଭାପତି ନଟବର ମଲ୍ଲିକ, ବ୍ରଜକିଶୋର ଜେନା, ମାନସ ପ୍ରଧାନ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଆଶୁକବି ବିଜୟ କୁଅଁର ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ । ଶେଷରେ ରବିନ୍ଦ୍ର କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।



# ବଜ୍ରପାତରେ ବୈଷ୍ଣଦେବୀ ମନ୍ଦିର ଦଧିନଉତି କ୍ଷତିଗ୍ରସ୍ତ

ଖଣ୍ଡପଡା,୧୫।୭ :(ମନ୍ଥନ)ଖଣ୍ଡପଡା ବ୍ଲକ ମରଦରାଜପୁର ଗ୍ରାମରେ ଥିବା ମୁଣ୍ଡିଆ ହନୁମାନପର୍ଯ୍ୟଟନ କ୍ଷେତ୍ରରେ ଥିବା ବୈଷ୍ଣଦେବୀ ମନ୍ଦିର ବଜ୍ରପାତରେ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ରାତିରେ ବଜ୍ରପାତ ସହିତ ବର୍ଷା ହୋଇଥିବାବେଳେ ମନ୍ଦିର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ବଜ୍ରପାତର ପ୍ରଭାବ ଏତେ ତୀବ୍ର ଥିଲା ଯେଦଧିନଉତି ଗୁଣ୍ଡ ହୋଇଯାଇଥିବା ବେଳେ ସମଗ୍ର ମନ୍ଦିରଟି ଦୁଇଫାଳ ହୋଇ ଫାଟି ଯାଇଛି । ପାହାଡ ଉପରେସ୍ଥିତ ମନ୍ଦିର ଗତକାଲି ରାତି ୮ ଟାରେ ବଜ୍ରପାତ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆଜି ବଡିଭୋରସମୟରେ ପୂଜକ ଓ ସ୍ଥାନୀୟ ବାସିନ୍ଦା ଦେଖିବାକୁ ପାଇଥିଲେ । ଘଟଣା ବାବଦରେ ପରିଚାଳନା ଦାୟିତ୍ୱରେଥିବା ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ଗୋଛିଙ୍କୁ ପଚାରିବାରେ ଦୁଃଖପ୍ରକାଶ କରିବା ସହିତ ସରକାରୀସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି ।



# ଈଶ୍ୱରଙ୍କୁ ଝୁରୁଛନ୍ତି ପରିବାର ଲୋକେ

ମୋରଡ଼ା,୧୫।୭ :(ମନ୍ଥନ)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଚୁହାଟ ଗ୍ରାମର ଈଶ୍ୱର ଚନ୍ଦ୍ର ସୋରେନ ବୟସ ୫୮ ବର୍ଷ , ଗତ ଜୁନ ମାସ ୨୧ ତାରିଖ ଦିନ ସନ୍ଧ୍ୟା ସମୟରେ ଘରୁ ହଠାତ କୁଆଡେ ପଳାଇ ଯାଇଛନ୍ତି । ଘରଲୋକ ବହୁତ ଖୋଜା ଖୋଜି କରି ନିରାଶ ହୋଇଗଲେଣି । ଈଶ୍ୱରଙ୍କ ଦୁଇ ପୁଅ ଓ ଦୁଇ ଝିଅ ଏବଂ ଜଣେ ବୁଢୀମା ଅଛନ୍ତି । ବୁଢୀମା ୨୪ ଦିନ ହେବ ପୁଅକୁ ଝୁରି ଝୁରି ଖିଆ ପିଆ ଛାଡ଼ି ଦେଲେଣି । ଈଶ୍ୱର ପରିବାରର ଏକ ମାତ୍ର ରୋଜଗାରିଆ ଥିଲେ ୨୪ଦିନ ହେବ ଘରକୁ ନ ଫେରିବାରୁ ପରିବାରାଲୋକେ ହତାସ ହୋଇ ଯାଇଛନ୍ତି । ସୁଳିଆପଦା ଥାନରେ ଏ ବାବଦରେ ଲିଖିତ ଅଭିଯୋଗ ଦେଇଛନ୍ତି ପରିବାର ଲୋକେ । ପରିବାର ଲୋକେ ସରକାରଙ୍କୁ ଅନୁରୋଧ କରିଛନ୍ତି ଖୁବ୍ ଶୀଘ୍ର ଈଶ୍ୱରଙ୍କୁ ଖୋଜି ଦେବା ପାଇଁ । ଯଦି କେହି ସ୍ୱ ହୃଦୟ ବ୍ୟକ୍ତି ଈଶ୍ୱର ଚନ୍ଦ୍ର ସୋରେନଙ୍କ ସନ୍ଧାନ ପାଇବେ ୮୬୫୮୫୬୬୪୬୫, ୯୩୪୮୧୭୪୨୧୫ ଏହି ମୋବାଇଲ ନମ୍ବର ରେ ଯୋଗା ଯୋଗ କରିବାକୁ ପାରିବାର ଲୋକେ ଅନୁରୋଧ କରିଛନ୍ତି ।

# ତାଲିକାରେ ଥିବା ସମସ୍ତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ବକ୍ସମା ପଞ୍ଚାୟତରେ ପ୍ରସ୍ତାବ ଗୃହୀତ

କୁଚିଣ୍ଡା,୧୫।୭ :(ମନ୍ଥନ):କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଗ୍ରାମ ପଞ୍ଚାୟତରେ ବୁଧବାର ଦିନ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାଥମିକ ଭାବେ ତାଲିକାରେ ଥିବା ସମସ୍ତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରସ୍ତାବ ଗ୍ରହଣ କରାଯାଇ କୁଚିଣ୍ଡା ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବୁଧବାର ଦିନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାଥମିକ ଭାବେ ଚୟନ ହୋଇଥିବା ହିତାଧିକାରୀଙ୍କ ଯୋଗ୍ୟତା, ଆୟୋଗ୍ୟତା ଏବଂ ସେମାନେ ପ୍ରଦାନ କରିଥିବା ତଥ୍ୟର ଯାଞ୍ଚ କରି ସଠିକ ହିତାଧିକାରୀ ଚୟନ ପାଇଁ ବକ୍ସମା ଗ୍ରାମ ପଞ୍ଚାୟତରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟ ରଶ୍ମି କୁସୁମ, ପିଇଓ ରାକେଶ ପଟେଲ, ଏଡିଇଓ ସରୋଜ



ଆଚାର୍ଯ୍ୟ, ଏମବିକେ ହୁମସିନୀ ଠାକୁରଙ୍କ ସମେତ ସମସ୍ତ ସିଆରପି ଏବଂ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ତେବେ ଆଲୋଚନା ବେଳେ ପ୍ରାଥମିକ ଭାବେ ତାଲିକାରେ ସାମିଲ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ ସରକାରୀ କର୍ମଚାରୀ ମାନେ ଉପଯୁକ୍ତ ସର୍ଭେ ? କରି ଚୟନ କରିଥିବାରୁ ସେମାନଙ୍କ ମଧ୍ୟରେ କାହାରିକୁ ବି ତାଲିକାରୁ ବାଦ୍ ଦିଆଯିବ ନାହିଁ ବୋଲି ପ୍ରସ୍ତାବ ଗ୍ରହଣ କରି ତାଲିକାରେ ଥିବା ସମସ୍ତ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ କୁଚିଣ୍ଡା ବିଡ଼ିଓଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ନିଷ୍ପତ୍ତି ନିଆଗଲା, ଏହା ସହିତ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ମଧ୍ୟ ତାଲିକାରେ ସାମିଲ କରିବାକୁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରା ଯାଇଥିଲା । ଦୁଇଟି ଯାକ ପ୍ରସ୍ତାବକୁ ଉପସ୍ଥିତ ଜନସାଧାରଣ ବିପୁଳ ସମର୍ଥନ ଜଣାଇଥିଲେ ।ଶେଷରେ ଏଡିଇଓ ସରୋଜ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

କୁଚିଣ୍ଡା,୧୫।୭ :(ମନ୍ଥନ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ରେ ଧୀରେନ୍ଦ୍ର ମହାନ୍ତି ଙ୍କ ସଭାପତ୍ୱ ରେ ଏକ ସାଧାରଣ ବୈଠକ ହୋଇଯାଇଛି ।ପ୍ରଥମେ ସଂଘ କାର୍ଯ୍ୟାଳୟ ପରିସରରେ ସମସ୍ତ ସଦସ୍ୟ ବିଭିନ୍ନ ପ୍ରକାର ଚାରା, ଯଥା, ଡାଳିମ୍ବ, ଅଁଳା, ପିଜୁଳି, ଆମ୍ବରୁତଭଣ୍ଡା ଇତ୍ୟାଦି ଚାରା ରୋପଣ କରିଥିଲେ ।ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା, ସଭା ରେ ବରିଷ୍ଠ ଙ୍କ ବର୍ତମାନ ଦୟନୀୟ ସ୍ଥିତି ଆଲୋଚନା ଚକ୍ର ରେ ଅଂଶ ଗ୍ରହଣ କରି ବରିଷ୍ଠ ସଦସ୍ୟ ଶାନ୍ତନୁ ସାହୁ, ଜୟପ୍ରକାଶ ଗୁପ୍ତା, କିଶୋରେ ପ୍ରଧାନ, ପ୍ରଫୁଲ୍ଲ ସାହୁ, ତୁଲାରାମ ସାହୁ ଭିନ୍ନ ଭିନ୍ନ ମତ ରଖିଥିଲେ । ଶେଷରେ ସଂଘ ର ସଭାପତି ବରିଷ୍ଠ ମାନଙ୍କର ସ୍ୱାସ୍ଥ୍ୟ, ଆର୍ଥିକ ପରିସ୍ଥିତି, ଏବଂ ପାରିବାରିକ ସମସ୍ୟା ଉପରେ ଆଲୋକପାତ କରିଥିଲେ ।ସାଧାରଣ ସମ୍ପାଦକ ଜୋନ କାମିଲ ଲାକ୍ରା ପୂର୍ବ ବୈଠକ ର ବିବରଣୀ ପାଠ କରିଥିଲେ ।ଓଡିଶା ସରକାର ଙ୍କ ର ନିୟମ ଅନୁଯାଇ ସଂଘ ର ରେଜିଷ୍ଟ୍ରେସନ ବିଷୟରେ ଆଲୋଚନା ହୋଇଥିଲା ।

# ଖରା ଦିନେ ମନେ ପଡିଲାନି, ବର୍ଷାରେ ଚାଲିଛି ଗାର୍ଡୱାଲ କାର୍ଯ୍ୟ

ବଳଙ୍ଗା, ୧୫।୭ :(ମନ୍ଥନ) ଖରା ଦିନ ଗଲା କିଛି ମନେ ପଡିଲାନି । ବର୍ଷା ଦିନ ଆରମ୍ଭ ହେବାରୁ ନଦୀ ବନ୍ଧ ସୁରକ୍ଷାର ଦ୍ୱାହି ଦେଇ ସମସ୍ତ ସରକାରୀ ନୀତି ନିୟମକୁ ଉଲଙ୍ଘନ କରି ଢୁ ଢୁ ବର୍ଷାରେ ଚାଲିଛି ଭାର୍ଗବୀ ନଦୀ ବନ୍ଧର ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟ । ତେବେ ଆଜି ପର୍ଯ୍ୟନ୍ତ ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଚେଇଁ ସୋଇଥିବା ବେଳେ ହଠାତ୍ ବର୍ଷା ଋତୁ ଆସିବାରେ ନିର୍ମାଣ କାର୍ଯ୍ୟ ପାଇଁ ଆଗଭର ହୋଇ ପଡିଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଅଧିନସ୍ଥ ଭାର୍ଗବୀ ନଦୀ ବନ୍ଧର ଶମ୍ଭୁ ଭାରତୀ ପାଟଣା କେନାଲ ବନ୍ଧ କଲୋନୀ ଠାରୁ ୩ଶହ ମିଟରରୁ ଉର୍ଦ୍ଧ୍ୱ ଲମ୍ବର ଗାର୍ଡୱାଲ୍ ନିର୍ମାଣ କାର୍ଯ୍ୟ ଚାଲିଛି । ଗତ ବନ୍ୟା ସମୟରେ ଏହି ସ୍ଥାନ ଅତ୍ୟନ୍ତ ସମ୍ବେଦନ ଶୀଳ ସ୍ଥାନ ଭାବେ ଚିହ୍ନଟ ହୋଇ ନଦୀ ବନ୍ଧର ସୁରକ୍ଷା ପାଇଁ ନଦୀ ବନ୍ଧ ଓ ଚନ୍ଦନପୁର ବ୍ରାଞ୍ଚ କେନାଲର ଧାରେ ଧାରେ ଏହି



ଗାର୍ଡୱାଲ୍ ନିର୍ମାଣ କାର୍ଯ୍ୟ ଏବେ ଚାଲିଛି । ଯାହାକି ଅତ୍ୟନ୍ତ ନିମ୍ନ ମାନର ନେଇ ସାଧାରଣରେ ଅଭିଯୋଗ ହେଉଛି । ଅପରପକ୍ଷେ ଖରାଦିନ ସାରା ଶୋଇରହି ଢୁ ଢୁ ବର୍ଷାରେ ନଦୀ ବନ୍ଧକୁ ଖୋଳି ତାଡି କେମିତି ଏହି କାର୍ଯ୍ୟ ଚାଲିଛି ନେଇ ସାଧାରଣରେ ପ୍ରଶ୍ନ ଉଠୁଛି । ଏପରିକି ଠିକାଦାରଙ୍କ ଦ୍ୱାରା ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ କାର୍ଯ୍ୟ ତଦାରଖ ପାଇଁ ଜଳ ସମ୍ପଦ ବିଭାଗର କୌଣସି କର୍ମଚାରୀ ଉପସ୍ଥିତ ରହୁନଥିବା ଅଭିଯୋଗ ହେଉଛି ।

# କଲେଜ ପ୍ରତିଷ୍ଠାତା ମାଗୁଣି ଚରଣ ସାହୁଙ୍କ ସ୍ମୃତିସମାବେଶ

ଡେଲାଙ୍ଗ,୧୫।୭ :(ମନ୍ଥନ)ଡେଲାଙ୍ଗ କଲେଜ ଓ ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମ୍ପାଦକ ସ୍ୱର୍ଗତ ମାଗୁଣି ଚରଣ ସାହୁଙ୍କ ୨୦ତମ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ସମ୍ମୁଖରେ ଥିବା ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ପଣ୍ଡା, ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସ୍ନେହାଞ୍ଜଳୀ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ତଥା ସୁପୁତ୍ର ପ୍ରସନ୍ନ ସାହୁ, ଚିତରଂଜନ ସାହୁ, ଅଶୋକ ସାହୁ, ପ୍ରାକ୍ତନ ସରପଂଚ ବିପିନି ବିହାରୀ ନରେନ୍ଦ୍ର, ଲୋକନାଥ ବେହେରା, ପ୍ରାକ୍ତନ ଅମ୍ବା କମିଟି ଅଧ୍ୟକ୍ଷ ବସନ୍ତ କୁମାର ବେହେରା, ସୁରେଶ ଚନ୍ଦ୍ର ଦାଶ, ଉମେଶ ଚନ୍ଦ୍ର ଦାଶ, ବରିଷ୍ଠ ନାଗରିକ ନିରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଅଧ୍ୟାପକ ମନୋରଂଜନ ରଣସିଂହ, ଯିତେନ୍ଦ୍ର ମଲ୍ଲିକ୍, ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ପଣ୍ଡାଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ମୃତି ସଭାରେ ଉପସ୍ଥିତଥିଲେ । ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ସ୍ଥାନୀୟ ଅଂଚଳରେ ଉଚ୍ଚ ଶିକ୍ଷାର ପ୍ରସାର କରିବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଅତିଥିମାନେ ଆଲୋକପାତ କରିଥିଲେ ।



# ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ସମୀକ୍ଷା ବୈଠକ

ଜଗତସିଂହପୁର,୧୫।୭ :(ମନ୍ଥନ) ଆଜି ପୂର୍ବାହ୍ନ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହରେ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକ ରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ସଡ଼କ ସୁରକ୍ଷା ସମିତି ଅଧ୍ୟକ୍ଷ ଶ୍ରୀ ଜେ ସୋନାଲ ଜିଲ୍ଲାର ଜାତୀୟ ରାଜପଥ ୫୫, ୫୩ ଓ ରାଜ୍ୟ ରାଜପଥ ୧୨ ର ସୁରକ୍ଷା ନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବାଲିକୁଦା ବାଇପାସ୍ ନିକଟରେ ଭାରିଯାନ ର ଅବୈଧ ପାର୍କିଂ ଦୁର୍ଘଟଣା ର କାରଣ ହେଉଥିବାରୁ ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ, ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଏଜେନ୍ସୀ ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ରେ ଭଡ଼ା ସୂତ୍ର ରେ ଜାଗାନେଇ ସେଠାରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ଉପଦେଶ ଦେଇଥିଲେ । ରାଜପଥ କଡ଼ରେ ଗଢ଼ି ଉଠିଥିବା ବିଭିନ୍ନ କଲ୍ୟାଣ ମଣ୍ଡପ ଗୁଡ଼ିକର ଲାଇସେନ୍ସ ତଥା ଅନୁମତି ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ଉପ ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏଥିସହିତ ରାଜପଥ କଡର ଢାବା, ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ଅନୁମତି ପ୍ରମାଣପତ୍ର ଯାଞ୍ଚ କରି ଆବଶ୍ୟକ ସ୍ଥଳେ ଏହାକୁ ହଟାଇବାର ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ସଭାରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ଜିଲ୍ଲା ରେ ଜାତୀୟ ରାଜପଥ ର କାର୍ଯ୍ୟକାରିତା , ମରାମତି, ଅବୈଧ ପାର୍କିଂ ଆଦି ବିଷୟରେ ଗୁରୁତ୍ୱାରୋପ ସହ ଏହାର ପ୍ରତିକାର ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ



ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ୨୦୨୫ ନଭେମ୍ବର ୨ ଏବଂ ୩ ତାରିଖରେ ଘଟିଯାଇଥିବା ତେଲେଙ୍ଗାନା ରାଜ୍ୟ ରଙ୍ଗାରେଡି ଜିଲ୍ଲା ରେ କ୍ରମାଗତ ୩୪ ଜଣ ଙ୍କ ମୃତ୍ୟୁ ପରେ ମାନ୍ୟବର ସୁପ୍ରିମକୋର୍ଟ ଙ୍କ ନିର୍ଦ୍ଦେଶନାମା ରେ ମୃତାହତ ଙ୍କ ପାଇଁ ବ୍ୟବସ୍ଥିତ ଅବହେଳା ଏବଂ ବିପର୍ଯ୍ୟୟ ମୂଳକ ଭିତ୍ତିଭୂମି ର ବିଫଳତାକୁ ସ୍ୱତଃସ୍ଫୁତ ଭାବରେ ସମୀକ୍ଷା ରିପୋର୍ଟ ସହ ତାର ପ୍ରତିକାର ବିଷୟରେ ଅବଲୋକନ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ ମଧ୍ୟ ଏହି ଦିଗରେ ନିଜର ମତ ବ୍ୟକ୍ତ କରିଥିଲେ ।ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଦିପକ କୁମାର ସେଠୀ ମାନ୍ୟବର ସୁପ୍ରିମକୋର୍ଟ ଙ୍କ ଦ୍ୱାରା ସମୀକ୍ଷା ପ୍ରସ୍ତୁତି କୁ ଅବଲୋକିତ କରି ରାଜପଥ ପାର୍ଶ୍ୱରେ ଥିବା ତୃଟି କୁ ନଜର ରଖି କେତେ ଗୁଡିଏ ବିଷୟ ବସ୍ତୁ ଉପରେ ଗମ୍ଭିର ଭାବରେ ଉତ୍ଥାପନ କରିଥିଲେ । ଯଥା ପ୍ରତି ୧୫ ଦିନରେ ନିୟମିତ ସୂଚି ସହ କାର୍ଯସୁଚୀ ନିରିକ୍ଷଣ ହେବ, smart ଟ୍ରାଫିକ ଏନଫୋର୍ସ police and highway ପେଟ୍ରୋଲିଂ, ବେଆଇନ ଭାବରେ ଅବରୋଧ ଏବଂ ହାଇୱେ ପାର୍ଶ୍ୱରେ ଥିବା ଢ଼ାବା ଉଠାଇବା । ରାଜପଥ ପାର୍ଶ୍ୱରେ ଥିବା ଅନୁଷ୍ଠାନ ମାନଙ୍କର ଅନୁମତି ପତ୍ର ଏବଂ ଏନଓସି ତଦାରଖ କରିବା, ସମସ୍ତ ସମୀକ୍ଷା ରାଜ୍ୟ ପରିବହନ ଆୟୋଗଙ୍କ ପାଖରେ ଦାଖଲ କରିବା, ରାଜପଥ ର ପ୍ରତି ୭୫ କିଲୋମିଟର ଦୂରତାରେ BLS (Basic Life Support)ଆମ୍ବୁଲାନ୍ସ ସେବା ଯୋଗାଇବା ଏବଂ କ୍ରେନ୍ ଅବସ୍ଥାପିତ କରିବା ସହ ରାଜପଥ ପାର୍ଶ୍ୱରେ ବିଶ୍ରାମ ଗୃହ ଏବଂ ସୁରକ୍ଷିତ ପାର୍କିଂ ବ୍ୟବସ୍ଥା କରିବା, ବ୍ଲାକ ସ୍ପଟ ସ୍ଥାନରେ rectification, ଲାଇଟ୍, କ୍ୟାମେରା ଏବଂ ସତର୍କୀକରଣ ସଙ୍କେତ ଲଗାଇବା ଇତ୍ୟାଦି ଉପରେ ଅବଲୋକନ କରିଥିଲେ । ଉକ୍ତ ବୈଠକ ରେ ଉପଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ପାରାଦ୍ୱୀପ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡା, ଜଗତସିଂହପୁର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସନ୍ଦୀପ ସିଂ ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି , ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡ଼ଃ ସନ୍ତୋଷ କୁମାର ବେହେରା ଙ୍କ ସମେତ ସମସ୍ତ ଯସସ୍ୱସ୍ୱକ୍ସସମସ୍ୱ କ୍ସକ୍ଟକ୍ସୟ ସ୍ୱବଲରସ୍ୱଙ୍ଗ ସ୍ୱବସ୍ୱଳ ଲକ୍ଟକ୍ସମର ର ସଭ୍ୟ ମାନେ ଉପସ୍ଥିତ ରହି ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ କାର୍ଯ୍ୟ କୁ ସୁଚାରୁରୂପେ ପ୍ରତିପାଦନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

# ଉତ୍କଳମଣିଙ୍କୁ ଭାରତରତ୍ନ ପ୍ରଦାନ କରାଯାଉ

କେନ୍ଦ୍ରାପଡ଼ା,୧୫।୭ :(ମନ୍ଥନ)ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭୂମିକା ଥିଲା ଅତୁଳନୀୟ । ସେହି ସମୟରେ ଖଣ୍ଡ ବିଖଣ୍ଡିତ ହୋଇକି ରହିଥିବା ଓଡ଼ିଆ ଭାଷାଭାସୀ ଅଞ୍ଚଳକୁ ଉତ୍କଳମଣି ଏକତ୍ରିତ କରିଥିଲେ । ସେହିପରି ଓଡ଼ିଆମାନଙ୍କ ସ୍ୱାଭିମାନକୁ ସେ ସବୁବେଳେ ପ୍ରାଧାନ୍ୟ ଦେଉଥିଲେ । ଯାହା ଫଳରେ ୧୯୩୬ ମସିହା ଅପ୍ରେଲମାସ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବା ସମ୍ଭବ ହୋଇଥିଲା ବୋଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ମତବ୍ୟକ୍ତ କରିଛନ୍ତି । ଲୋକସେବକ ମଣ୍ଡଳ, ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ସହଭାଗିତାରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୂଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ଆୟର କହିଲେ ଛାତ୍ରଛାତ୍ରୀମାନେ ଉତ୍କଳମଣିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କହିଲେ ଦୁଃଖି, ଦରିଦ୍ର ଜନତାଙ୍କ ଦୁଃଖ ଦେଖିଲେ ଉତ୍କଳମଣିଙ୍କ ଆଖିରୁ ଲୁହ ଗଡୁଥିଲା । ତାଙ୍କଭଳି ମହାତ୍ମା ବର୍ତ୍ତମାନ ସମାଜରେ ବିରଳ । ବନ୍ୟା, ବାତ୍ୟା, ମରୁଡି ସମୟରେ ଉତ୍କଳମଣି ବିପନ୍ନଙ୍କ ପାଖରେ ପହଞ୍ଚି ରିଲିଫ ସାମଗ୍ରୀ ପ୍ରଦାନ କରୁଥିଲେ । ଯେତେବେଳେ ଲୋକେ ନିଃସହ ହୋଇ ପଡୁଥିଲେ ସେହି ସମୟରେ ଗୋପବନ୍ଧୁ ଲୋକଙ୍କ ପାଇଁ ଆଶାବାଡି ସାଜୁଥିଲେ । ତେଣୁ ବର୍ତ୍ତମାନର ଯୁବପିଢି ତାଙ୍କ ଜୀବନ ଦର୍ଶନକୁ ପାଥେୟ କରି ନିଜ ଜୀବନ ଗଢିବା ଉଚିତ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ନନ୍ଦକିଶୋର ପରିଡ଼ା ଯୋଗଦେଇ କହିଲେ ଗୋପବନ୍ଧୁ ଆମକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଭେଟି ଦେଇଛନ୍ତି । ୧୯୦୭ ମସିହା ବନ୍ୟା ସମୟରେ ଉତ୍କଳମଣି କେନ୍ଦ୍ରାପଡ଼ାର ବନ୍ୟା ବିପନ୍ନଙ୍କ ନିକଟକୁ ଆସିଥିଲେ । ସେମାନଙ୍କ ପାଇଁ ଯାହା ଚୁଡ଼ା ଚାଉଳ ଆଣିଥିଲେ ତାହାକୁ ସେ ବିପନ୍ନଙ୍କୁ ବାଣ୍ଟିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଲେ ଛାତ୍ରଛାତ୍ରୀମାନେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭଳି ମହାନ ବ୍ୟକ୍ତିଙ୍କ ବିଷୟରେ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି । କେବଳ ଏହାକୁ ଅଧ୍ୟୟନ କଲେ ଏହାର ମୂଳ ଲକ୍ଷ୍ୟ ପୂରଣ ହେବ ନାହିଁ ଏହାକୁ କାର୍ଯ୍ୟରେ ଲଗାଇବା ଉଚିତ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ସୁନାଗରିକ ହୋଇ ଦେଶସେବା କରିପାରିବେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା କଲେଜ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ଯୋଗଦେଇ କହିଲେ ଉତ୍କଳମଣି ତାଙ୍କ ସମଗ୍ର ଜୀବନକୁ ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗ କରିଥିଲେ । ଏହି ଅବସରରେ ଉତ୍କଳମଣିଙ୍କୁ ଭାରତରତ୍ନ ପ୍ରଦାନ କରାଯିବାକୁ ଦାବି ହୋଇଥିଲା ।'ସମାଜ'ର ଜିଲ୍ଲା ପ୍ରତିନିଧି ସୋମନାଥ ସାହୁଙ୍କ ସଭାପତିତ୍ୱ ଏବଂ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପତିତପାବନ ଭଦ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପଞ୍ଚଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଜଳେଶ୍ୱର,୧୫।୭ :(ମନ୍ଥନ) ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ବାଲେଶ୍ୱରଙ୍କ ସହଯୋଗରେ ଜଳେଶ୍ୱର ପଞ୍ଚାୟତ ସମିତିର ଆୟୋଜନରେ ଜଳେଶ୍ୱର ଶାନ୍ତିଆ ସରକାରୀ ଉ.ପ୍ରା.ବିଦ୍ୟାଳୟ ପରିସରରେ ପଞ୍ଚଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଏବିଡିଓ ସୁଧୀର କୁମାର ସାହୁ, ସାମାଜିକ ସୁରକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ସଜତ୍ ଅନୁପମ, କମ୍ୟୁନିଟି ଅର୍ଗାନାଇଜର ମୋନାଲିସା ମିଶ୍ରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହିତ ଅସ୍ଥିଶଲ୍ୟ, ରକ୍ତ ହୀନତା, ସ୍ନାୟୁ ଆଘାତ, ଦୃଷ୍ଟିବାଧିତ ଓ ମାନସିକ ଅଗ୍ରସର ବିଭାଗର



ଡ଼ାକ୍ତର ମେଡିସିନ ସ୍ୱ ?ସାଲିଷ୍ଟ ରତ୍ନାକର ଦାସ, ଅସ୍ଥିଶଲ୍ୟ ବିଭାଗର ଡ଼ାକ୍ତର ଶିବାନନ୍ଦ ରଥ, ମାନସିକ ଅଗ୍ରସର ବିଭାଗର ଡ଼ାକ୍ତର ବ୍ରଜକିଶୋର ଗିରି, ବିକାଶ ରଞ୍ଜନ ଦାସ, ଦୃଷ୍ଟି ବାଧିତ ବିଭାଗର ଡ଼ାକ୍ତର ଚିତ୍ତରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସବୁ ବିଭାଗର ହିତାଧୀକାରୀ ମାନଙ୍କୁ ପରୀକ୍ଷା କରି ଚିହ୍ନଟ କରାଯାଇ ଥିଲା ।ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଶାନ୍ତିଆ ସରକାରି ଉ.ପ୍ରା. ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ପଞ୍ଚଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ସହଯୋଗ କରିଥିଲେ ।ଏହି ଶିବିରରେ ଅସ୍ଥିଶଲ୍ୟ, ରକ୍ତ ହୀନତା, ସ୍ନାୟୁ ଆଘାତ ବିଭାଗ ପକ୍ଷରୁ-୧୨୯, ଦୃଷ୍ଟିବାଧିତ ବିଭାଗ ପକ୍ଷରୁ ୩୯, ମାନସିକ ଅଗ୍ରସର ପକ୍ଷରୁ ୩୨ ଜଣମୋଟ ୧୯୧ ଜଣ ଏହି ସବୁ ବିଭାଗରେ ପଞ୍ଜିକରଣ କରି ଡ଼ାକ୍ତର ମାନଙ୍କ ଠାରୁ ପରୀକ୍ଷା କରେଇ ଥିଲେ ।ଜଳେଶ୍ୱର ବ୍ଲକର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଗୁରୁବାର ୧୬ ଜୁଲାଇ, ୨୦୨୬, ଭୁବନେଶ୍ୱର
Thursday 16, July,2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସକଳ ଧର୍ମ ଚେତନାରେ ମହାପ୍ରଭୁ

**ବିକ୍ରମ ମହାପାତ୍ର**

ବିଶ୍ୱବିଶ୍ରୁତ ଜଗନ୍ନାଥ ଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ, ଧାମର ପ୍ରାଚୀନତା ମୂର୍ତ୍ତିତତ୍ତ୍ୱ, ସେମାନଙ୍କର ଅବସ୍ଥିତ – ସର୍ବୋପରି ବିବିଧ ଯାତ୍ରା, ସକଳ ବିଷୟ ରହସ୍ୟାବୃତ। ସାଧାରଣ ବ୍ୟକ୍ତି ପକ୍ଷରେ ଏହାର ସୂକ୍ଷ୍ମାତିସୂକ୍ଷ୍ମ ଦର୍ଶନର ପରିଚୟ ପାଇବା ଏକ ଦୁରୂହ ବ୍ୟାପାର। ବେଦ ଉପନିଷଦ ଓ ସଂହିତାଦି ଶାସ୍ତ୍ରରେ ଏ ଧାମର ପବିତ୍ରତା ତଥା ପ୍ରାଚୀନତା ସମ୍ବନ୍ଧରେ ସଂକେତମାନ ରହିଛି। ଋକବେଦୀୟ ୧୦ମ ମଣ୍ଡଳର 'ଅଦୋ ଯଦ୍ଦାରୁ ପ୍ଲବତେ' ଶୀର୍ଷକ ସୂକ୍ତକୁ ପ୍ରସିଦ୍ଧ ବେଦର ଭାଷ୍ୟକର ଆଚାର୍ଯ୍ୟ ସାୟନ ପୁରୀ ଧାମର ଆରାଧ୍ୟ ଦେବତା ପୁରୁଷୋତ୍ତମ ଅର୍ଥରେ ହିଁ ଗ୍ରହଣ କରିଅଛନ୍ତି। ଅଥର୍ବ ବେଦରେ ପୁଣି ସେହି ମନ୍ତ୍ର ସାମାନ୍ୟ ପରିବର୍ତ୍ତନ ସହ ଲିପିବଦ୍ଧ ହୋଇଅଛି। 'ସାକ୍ଷାତ ବୈକୁଣ୍ଠରୂପଂ ତତକ୍ଷେତ୍ରଂ ଶ୍ରୀପୁରୁଷୋତ୍ତମ, କ୍ଷେତ୍ରାଣାମ୍ ଅପି କ୍ଷେତ୍ରଂ ଚ ତୀଥନାମପି, ଯଦବରମ୍।' ଯୁଗେ ଯୁଗେ ପାବକତ୍ୱର ମହାମହିମାରେ ଶ୍ରୀକ୍ଷେତ୍ର ତୀର୍ଥରାଜର ଗୌରବ ଲାଭ କରିଛି। କାରଣ ଏ କ୍ଷେତ୍ର ଦେବ ଦୁର୍ଲ୍ଲଭ, ସମସ୍ତ ତୀର୍ଥର ମୌଳିକତା

ତୀର୍ଥରାଜ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପ୍ରକଟିତ। ଏହା କେବଳ ସମ୍ଭବ ହୋଇଛି ତୀର୍ଥ ଶିରୋମଣି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ। ତେଣୁ ଭାଗବତକାର ଯଥାର୍ଥରେ କହିଛନ୍ତି – 'ସକଳ ତୀର୍ଥ ଘେନି କରି, ନୀଳ କନ୍ଦରେ ବିଜେ ହରି।' ଜଗନ୍ନାଥ ମହାପ୍ରଭୁ ସମଗ୍ର ହିନ୍ଦୁ ସନାତନ ଜଗତର ପରମାରାଧ୍ୟ ଦେବତା ଓ ଅବତାରୀ ପୁରୁଷର ସାର୍ଥକ ବିଗ୍ରହ। ସେ ସର୍ବଧର୍ମ ମତବାଦ ସମନ୍ୱୟର ମହାନ ପ୍ରତୀକ। ସେ ଦାରୁଦେବତା ସେ ସନ୍ଥ ତୁଳସୀ ଦାସଙ୍କ ନୟନାଭିରାମ, ସେ ବୈଷ୍ଣବୀୟ ଦର୍ଶନରେ ବୃନ୍ଦାବନ ଚନ୍ଦ୍ରେଶ୍ୱର ଶ୍ରୀକୃଷ୍ଣ ଓ ରସବତୀ ରାଧିକାଙ୍କ ଘନଯୁଗଳ ବିଗ୍ରହ। ଶୈବ ବିଚାରରେ ସେ ଶିବ ବା ଭୈରବ। ଶାକ୍ତ ମତରେ ସେ ହେଉଛନ୍ତି ଗଣେଶ, ଜୀବ ମାନଙ୍କର ଜୀବନାଥ। ଏଣୁ ତାଙ୍କର ତତ୍ତ୍ୱ ରୂପ ଓ ଦର୍ଶନ ମାନବ ଚିନ୍ତା ଓ ଚେତନାର ବହୁ ଉର୍ଦ୍ଧ୍ୱରେ।

ପ୍ରତିବର୍ଷ ଆନ୍ଧ୍ରପ୍ରଦେଶର ପବିତ୍ର ତୀର୍ଥକ୍ଷେତ୍ର ତିରୁପତିଠାରେ ନୀଳାଦ୍ରୀରେ ଜଗନ୍ନାଥଙ୍କର ରଥୋତ୍ସବ ଭଳି ଶେଷାଦ୍ରିରେ ପ୍ରଭୁ ଭେଙ୍କଟନାଥଙ୍କର ମଧ୍ୟ ବ୍ରହ୍ମୋତ୍ସବ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥ ଏବଂ ତାଙ୍କ ମନ୍ଦିରର ଉତ୍ପତ୍ତି, କ୍ରମବିଶକା, ନିର୍ମାଣବିଧି, ପୂଜାପର୍ବାଣ, ମହୋତ୍ସବ, ଦୈନନ୍ଦିନ ନୀତି, କ୍ଷେତ୍ର ମାହାତ୍ମ୍ୟ ଇତ୍ୟାଦି ବିଷୟରେ ଅନେକ ଉପାଖ୍ୟାନ ଯେଭଳି ଅନେକ ପୁରାଣ ଯଥା ସ୍କନ୍ଦ, ନୀଳାଦ୍ରି ମହୋତ୍ସବ, ପଦ୍ମ, ବାମଦେବ ସଂହିତା ପ୍ରଭୃତିରୁ ମିଳିଥାଏ, ଠିକ ସେହିଭଳି ପ୍ରଭୁ ଙ୍କେଟେଶ ତଥା ଭେଙ୍କଟାଚଳ ବା ଶେଷାଚଳଙ୍କର ଆବିର୍ଭାବ, ମାହାତ୍ମ୍ୟ, ଯାନିଯାତ୍ରା ବିଷୟରେ ସ୍କନ୍ଦ, ପଦ୍ମ ପ୍ରଭୃତି ବିଭିନ୍ନ ପୁରାଣରୁ ସମ୍ୟକ ସୂଚନା ମିଳିଥାଏ। ଏହି ପୌରାଣିକ ଉପାଖ୍ୟାନ ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପରେ ଏହାର ପ୍ରତିଷ୍ଠା କାର୍ଯ୍ୟ ଯେଭଳି ଭଗବାନ ବ୍ରହ୍ମା ସ୍ୱୟଂ ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରା କରିବା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଠିକ ସେହିଭଳି ଶେଷାଚଳ ବା ଭେଙ୍କଟେଶଙ୍କର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସ୍ୱୟଂ ବ୍ରହ୍ମା ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରାର ପ୍ରବର୍ତ୍ତନ କରାଇଥିଲେ, ଯାହାକି, ଆଜି 'ବ୍ରହ୍ମୋତ୍ସବ' ବୋଲି କୁହାଯାଏ। ଏ ସଂପର୍କରେ ପ୍ରଫେସର ହରେକୃଷ୍ଣ ଶତପଥୀ ଯାହା କହନ୍ତି।

ଜଗନ୍ନାଥଙ୍କର ରଥୋତ୍ସବ ଏକ ପର୍ବତ ନୀଳାଚଳ ବା ନୀଳାଦ୍ରିରେ ଯେଭଳି ଅନୁଷ୍ଠିତ ହୋଇଥାଏ, ଠିକ୍ ସେହିଭଳି ପ୍ରଭୁ ଭେଙ୍କଟନାଥଙ୍କର ରଥଯାତ୍ରା ମଧ୍ୟ ବ୍ରହ୍ମୋତ୍ସବ ନାମରେ ଅନ୍ୟ ଏକ ପବିତ୍ର ପର୍ବତ ତାମିଲ ଭାଷାରେ ତିରୁମଲ୍ଲ ତିରୁ ଅର୍ତ ଶ୍ରୀ ମଲ୍ଲଅର୍ଥ ପର୍ବତ। ଶେଷାଚଳ ବା ଶେଷାଦ୍ରିରେ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥଙ୍କ ରଥୋତ୍ସବ ଯେଭଳି ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ ଠିକ୍ ସେହିଭଳି ବ୍ରହ୍ମୋତ୍ସବ ମଧ୍ୟ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ପୌରାଣିକ ଆଖ୍ୟାନ ଅନୁସାରେ ରଥଯାତ୍ରାର ପ୍ରବର୍ତ୍ତକ ଯେଉଁଭଳି ସ୍ୱୟଂ ବ୍ରହ୍ମା, ଠିକ ସେହିଭଳି ବ୍ରହ୍ମୋତ୍ସବର ଆଦିମ ପ୍ରବର୍ତ୍ତକ ମଧ୍ୟ ସ୍ୱୟଂ ବ୍ରହ୍ମା। ଏଠାରେ ଉଲ୍ଲେଖନୀୟ ଯେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ତିରୁପତି କ୍ଷେତ୍ର ବହୁତ ଦିନ ଧରି ତାମିଲନାଡୁର ଏକ ଅଂଶବିଶେଷ ଭାବରେ ରହିଥିଲା ଏବଂ ୧୯୫୬ ମସିହାରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ଗଠନ ପରେ ଏହାକୁ ଆନ୍ଧ୍ରରେ ମିଶାଇ ଦିଆଯାଇଥିଲା। ତେଣୁ ମନ୍ଦିରର ପୂଜା ପଦ୍ଧତି, ସଂସ୍କୃତି ଓ ପରମ୍ପରା ତଥା ତିରୁପତିର ଭାଷା, ଚଳଣି ଓ ପରମ୍ପରା ମଧ୍ୟ ତାମିଲନାଡୁର ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଛି।

ଜଗନ୍ନାଥ ହେଉଛନ୍ତି କ୍ଷର, ଅକ୍ଷର ବା ବିଦ୍ୟା ଓ ଅବିଦ୍ୟାର ନିୟାମକ। ସେଥିପାଇଁ ସେ ଲୋକଶ୍ରେଷ୍ଠ ବା ପୁରୁଷୋତ୍ତମ। ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗକାରୀ। ତାଙ୍କର ମହିମା ତ୍ରିପୁର ବ୍ୟାପ୍ତ। ବେଦଠାରୁ ପୁରାଣ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ସଂପର୍କରେ ଯେଉଁ ଚମତ୍କାର ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ, ସେଥିରୁ ତାଙ୍କର ଉତ୍ସ ଓ ବର୍ତ୍ତିତ ରୂପ ସଂପର୍କରେ ସ୍ଥୂଳଧାରଣା ସୃଷ୍ଟି ହୋଇଥାଏ। ସେ ଯେଉଁ ଧାମରେ ବିଜେ କରିଛନ୍ତି ତାହା ଶ୍ରେଷ୍ଠ ଧାମ। ବ୍ରହ୍ମ ପୁରାଣରେ ଏହାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି – 'ପୁରୁଷୋତ୍ତମାତ୍ ପରଂକ୍ଷେତ୍ରଂ ନାସ୍ୟ ପୃଥିବୀତଳେ ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍।' 'ତନ୍ତ୍ରଯାମଳ' ଗ୍ରନ୍ଥରେ ଜଗନ୍ନାଥଙ୍କୁ ବର୍ଣ୍ଣନା କରାଯାଇଛି – 'ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ, ଦାରୁରୂପୀ ଜଗନ୍ନାଥ ଭକ୍ତନାମଂଭୟପ୍ରଦଃ।।' ଏହିପରି ଏକ ମହାମହିମ ବିଶ୍ୱନିୟନ୍ତା ଦାରୁଦେବତା ଜଗନ୍ନାଥଙ୍କର କ୍ଷେତ୍ରରେ ଶ୍ରୀଗୁଣ୍ଡିଚା ରଥଯାତ୍ରାର ମାହାତ୍ମ୍ୟ ଅନନ୍ୟ ଭୂମିକା ନେଇଛି। 'ଗୁଣ୍ଡିଚା ମଣ୍ଡପଂ ଯାନ୍ତିଂ ଯେ ପଶ୍ୟନ୍ତି ରଥେ ସ୍ଥିତମ୍, କୃଷ୍ଣଂ, ବଳଂ ସୁଭଦ୍ରାଂ ଚ ତେ ଯାନ୍ତି ଭବନଂ ହରେଃ।' ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବିରାଜିତ ରଥ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନରେ ସୃଷ୍ଟି ସକଳ ଦେବଦେବୀଙ୍କ ଠାରୁ ଆରମ୍ଭ କରି ଗ୍ରହ, ନକ୍ଷତ୍ର, ଗ୍ରହ, ରାଶି, ଗନ୍ଧର୍ବ, ଯକ୍ଷ ଏବଂ ହନୁମାନ, ଅର୍ଜ୍ଜୁନ ପରି ଶ୍ରେଷ୍ଠ ଭକ୍ତଗଣ ସ୍ଥାନ ପାଇଛନ୍ତି।

କି ବାଳ, ବୃଦ୍ଧ, ବନିତା, ଜାତ, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସକଳ ଶ୍ରେଣୀର ଭକ୍ତବାଦ୍ୟ, ନୃତ୍ୟ, ଭକ୍ତିଗୀତ, ସଙ୍ଗୀତ, ହରିବୋଲ, ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡରେ ଜୟ ଜୟ ଜଗନ୍ନାଥ ଧ୍ୱନିରେ ମାଆ ଆନନ୍ଦରେ ରଥ ଟାଣି ନିଅନ୍ତି। ରଥର ଘର୍ଘର ଧ୍ୱନିରେ ଚଉଦଭୁବନ ପ୍ରକମ୍ପିତ ହୋଇଉଠେ। 'ଗୁଣ୍ଡିଚାଖ୍ୟାଂ ମହାତ୍ରାଂ ଯେ ପଶ୍ୟନ୍ତି ମୁଦାନ୍ୱିତାଃ, ସର୍ବପାପ ବିନିର୍ମୁକ୍ତାସ୍ତେ ଯାନ୍ତତି ଭବନଂ ମମ।।' ନବଦିନାତ୍ମିକା ରଥଯାତ୍ରା ଉପରେ ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କର ମହାତ୍ମ୍ୟ ଜନମାନସରେ ରହିଆସିଛି। ବ୍ରହ୍ମପୁରାଣ, ସ୍କନ୍ଦ ପୁରାଣ, ନାରଦ ପୁରାଣ, ବାମନ ପୁରାଣ, ସୂତ ସଂହିତାରେ ଏହା ସୁବିସ୍ତୃତ ବର୍ଣ୍ଣିତ ହୋଇଛି। ଗୀତାରେ ଭଗବାନ ପ୍ରକାଶ କରିଛନ୍ତି, 'ମୁଁ ଜଡ଼ସମୂହର ଅତୀତ, ଚେତନ ପଦାର୍ଥ ଅପେକ୍ଷା ଶ୍ରେଷ୍ଠ। ମୁଁ ବେଦ ଓ ପୁରାଣରେ ପୁରୁଷୋତ୍ତମ ନାମରେ ଖ୍ୟାତ। ଶ୍ରୀକ୍ଷେତ୍ରରେ ଅନ୍ୟନାମ ପୁରୁଷୋତ୍ତମ କ୍ଷେତ୍ର ଓ ଅଧିଷ୍ଠିତ ଦେବତା ପୁରୁଷୋତ୍ତମ ନାମରେ ପ୍ରସିଦ୍ଧି ଲାଭ କରି ଅଛନ୍ତି। ଗୀତାର ବାଣୀକୁ ତତ୍ତ୍ୱବିଦମାନେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରତ୍ୟକ୍ଷ କରିଅଛନ୍ତି। ସକଳ ଧର୍ମ, ସକଳ ଦର୍ଶନ, ସକଳ ସଂସ୍କୃତିର କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥ।

ଜଗନ୍ନାଥ ଧର୍ମ ଯଥାର୍ଥରେ ହେଉଛି ମାନବ ଧର୍ମ। ବିଶ୍ୱର ପ୍ରଥମ ଧର୍ମଶାସ୍ତ୍ର ବେଦର ନିର୍ଦ୍ଦେଶ ଅନୁଯାୟୀ ଘୋଷଯାତ୍ରା ଅନୁଷ୍ଠିତ ହୋଇ ମାନବଜାତିର କଲ୍ୟାଣ କାମନା କରାଯାଇଥାଏ। ସ୍ୱୟଂ ଜଗନ୍ନାଥ ଏହି ଯାତ୍ରାର ବିଧିବିଧାନ ପ୍ରବର୍ତ୍ତନ କରିଛନ୍ତି। ବୈଦିକ ଯଜ୍ଞ ସ୍ମରଣ, ଜନ୍ମବେଦୀର ମୋହ ତଥା ଆପଣାର ସ୍ୱନକ୍ଷତ୍ର ପାଳନ ପୂର୍ବକ ବିଶ୍ୱବାସୀଙ୍କୁ ବୈଦିକ ଚେତନାରେ ଅନୁପ୍ରାଣିତ କରିବା ନିମିତ୍ତ ଏହା ତାଙ୍କର ସ୍ୱୟଂଲୀଳା। 'ଗୁଣ୍ଡିଚା ମଣ୍ଡପଂ ନାମ ଯତ୍ରାହମଜନଂ ପୁରା, ଅଶ୍ୱମେଧ ସହସ୍ରସ୍ୟ ମହାବେଦୀ ତଦା ଭବେତ୍। ତସ୍ୟାଃ ପୁଣ୍ୟତମଂ ସ୍ଥାନଂ ପୃଥିବ୍ୟାଂ ନେହ ବିଦ୍ୟତେ, ଯତ୍ରାଜୁହୋଃ ପଞ୍ଚଶତବର୍ଷାଣି ପ୍ରୀତୟେ ମମ, ମମ ପ୍ରୀତିକର ସ୍ଥାନଂ ତସ୍ମାନାନ୍ୟତ ଧରାଗତମ୍।'

**ଜ୍ୟୋତ୍ସ୍ନା ପର୍ଣ୍ଣଚର୍ସ, ଚଣ୍ଡୀମନ୍ଦିର ମାର୍ଗ, କଟକ-୧, ଦୂରଭାଷ : ୯୪୩୭୦୨୧୬୧୫**

# ଜୀବନ ରଥ : ଶ୍ରୀଜଗନ୍ନାଥ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତ୍ୱମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ପିତାମାତା ଜାନକୀ ନାଥ ବୋଷ ଓ ତାଙ୍କ ସହଧର୍ମିଣୀ ପ୍ରଭାବତୀ ଦେବୀ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦୀକ୍ଷା ଶିଷ୍ୟ ଥିଲେ ଓ ସେମାନଙ୍କର ସନିର୍ବନ୍ଧ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ମାତା ଜନନୀ ମନମୋହିନୀ ଦେବୀ ଓ ଶତାଧିକ ଭକ୍ତଙ୍କ ସହ ସୁଦୂର ବାଂଲାଦେଶର ପାବନା-ହିମାୟିତପୁରରୁ ଆସି ମାସାଧିକ କାଳ ନୀଳାଚଳ ଧାମରେ ଲୀଳାଖେଳ କରିଥିଲେ। ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ ଭକ୍ତ ମାନଙ୍କ ସମ୍ମୁଖରେ କହିଥିଲେ – ଭଗବାନ ଶ୍ରୀକୃଷ୍ଣ ପୁରୀ ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥ ରୂପେ ପ୍ରକଟ, ସାଙ୍ଗରେ ଅଛନ୍ତି ଜ୍ୟେଷ୍ଠଭ୍ରାତା ଶ୍ରୀବଳରାମ ଓ ଭଗ୍ନୀ ମା ସୁଭଦ୍ରା। ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ। ଏହି ତାତ୍ପର୍ଯ୍ୟରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଶ୍ରୀଜଗନ୍ନାଥଙ୍କର ହାତ ନାହିଁ, ଅର୍ଥାତ୍ ସେ କାହାକୁ ଧରନ୍ତି ନାହିଁ। ତାଙ୍କୁ ଧରିବାକୁ ହୁଏ। ତାଙ୍କୁ ଧରିଲେ, ତାଙ୍କର ଆଦେଶ ପାଳନ କରିଚାଲିଲେ ମନୁଷ୍ୟ ତ୍ରିତାପଜ୍ୱାଳାକୁ ଏଡ଼ାଇବାକୁ ସକ୍ଷମ ହୁଏ। କୃପାମାନେ କରି ପାଇବା। ଶ୍ରୀ ଶ୍ରୀ ଠାକୁର କହିଲେ – ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ ଅର୍ଥ ଧରିବା ଓ କରିବାର ଦାୟିତ୍ୱ ଭକ୍ତ ମାନଙ୍କର, ପ୍ରଭୁଙ୍କର ନୁହେଁ। ଶ୍ରୀଜଗନ୍ନାଥ କହୁଛନ୍ତି – ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି।

ଭକ୍ତମାନେ କୁହନ୍ତି – ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି – ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା। ଶ୍ରୀ ଜଗନ୍ନାଥଙ୍କର ପାଖରେ ଅଛନ୍ତି ଶ୍ରୀ ବଳରାମ, ସେ ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠ ଭ୍ରାତା, ମହାପରାକ୍ରମୀ, ବଳଶାଳୀ, ଯୁଦ୍ଧବିଦ୍ୟାରେ ପାରଦର୍ଶୀ। କିନ୍ତୁ ସାଧାରଣରେ ଶ୍ରୀବଳରାମଙ୍କର ଚିତ୍ରରେ ଦେଖାଯାଏ ତାଙ୍କର କାନ୍ଧରେ ହଳ (ଲଙ୍ଗଳ) ରହିଛି। ଶ୍ରୀ ଶ୍ରୀ ଠାକୁର କହିଲେ – ଶ୍ରୀବଳରାମ ଥିଲେ ଜଣେ ବଡ଼ କୃଷିବିଜ୍ଞାନୀ, କୃଷିକାର୍ଯ୍ୟ ସମ୍ବନ୍ଧରେ ତତ୍କାଳୀନ ଜଣେ ଅଭିଜ୍ଞ ବ୍ୟକ୍ତି। ତେଣୁ ଏହି ବିଶେଷ ଗୁଣର ପ୍ରତୀକ ହିସାବରେ ଶ୍ରୀବଳରାମଙ୍କର ସ୍କନ୍ଧରେ ଆମେ ହଳ ଦେଖିବାକୁ ପାଉ। ପ୍ରଚଳିତ ଏକ କଥା ଅଛି – ଯିଏ ମୋତେ କରେ ଆଶ, ମୁଁ ତାର କରେ ସର୍ବନାଶ। ଦୟାଲ ଶ୍ରୀ ଶ୍ରୀ ଠାକୁର ଏହି ମତବାଦକୁ ସମର୍ଥନ କରିନାହାନ୍ତି। ପ୍ରଭୁ ଏହି ପଦ୍ୟକୁ ପରିବର୍ତ୍ତନ କରି କହିଛନ୍ତି – ଯିଏ ମୋତେ କରେ ଆଶ, ମୁଁ ତାର କାଟେ ବୃତ୍ତିଫାଶ। ଅର୍ଥାତ୍ ଗୁରୁଗତ ପ୍ରାଣ ହୋଇ ଚାଲିଲେ ମନୁଷ୍ୟ ବୃତ୍ତି ବନ୍ଧନରୁ ମୁକ୍ତ ହୁଏ। ଆଉ ପ୍ରବୃତ୍ତି ବନ୍ଧନରୁ ମୁକ୍ତି ହିଁ ପ୍ରକୃତ ସୁଖ ଓ ଚରମ ଆନନ୍ଦ। ବହୁକାଳରୁ ପ୍ରଚଳିତ ଏହି ଭାବନାର ସ୍ରୋତକୁ ଏକାଥରେ ବିଶେଷ ଦିଗ୍‌ଦର୍ଶନ ଦେଲେ କଳକୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ (କ୍ରମଶଃ)

# ରଥଯାତ୍ରା ଭିଡ଼କୁ ଯିବାକୁ ଭୟ କରୁଛନ୍ତି : ଏହା ଫୋବିୟା ନୁହେଁ ତ ?

**ପ୍ରଫେସର ଡାକ୍ତର ସମ୍ରାଟ କର**

ମାନୁ ମାଉସୀଙ୍କୁ ମୁଁ ନବକଳେବର ପୁରୀ ରଥଯାତ୍ରା ଦେଖିଯିବାକୁ କହିଲି । ସେ ମୋତେ ବହୁତ ଭଲ ପାଆନ୍ତି । ମା', ଖୁଡ଼ୀ ସମସ୍ତଙ୍କୁ ନେଇ ପୁରୀ ନବକଳେବର ରଥଯାତ୍ରା ଦେଖାଇବାର ଇଚ୍ଛା ମୋର ଅଛି । ମାନୁ ମାଉସୀଙ୍କୁ ଡାକିବାରୁ ସେ ମନା କଲେ । ମୁଁ ତାଙ୍କୁ କାରଣ ପଚାରିବାରୁ ସେ କହିଲେ ମୁଁ ପିଲାବେଳେ ଥରେ ରଥଯାତ୍ରାକୁ ଯାଇଥିଲି, ସେଠି ଏତେ ଭିଡ଼ ଥିଲା ଯେ ମତେ କିଏ ଚାରିକଡୁ ଚାପିଦେଲା ପରି ଲାଗିଲା । ସତେ ଯେମିତି ଗୋଟିଏ ଶକ୍ତ ଦଉଡ଼ିରେ ମତେ ବାନ୍ଧିଦେଇଛି । ମୁଁ ନିଶ୍ୱାସ ନେଇପାରିଲି ନାହିଁ । ସେହି ଦିନଠାରୁ ଭିଡ଼ ଦେଖିଲେ ମତେ ଡର ଲାଗେ । ମୁଁ ଗହଳି ଭିତରକୁ ଯାଏ ନାହିଁ । ମୋର ସେଇ ଦିନ କଥା ମନେ ପଡ଼େ । ଆଜିପର୍ଯ୍ୟନ୍ତ ମୁଁ ସେ ଅନୁଭୂତି ଭୁଲିନି । ମୁଁ ସେ ଭିତରେ ପଶିପାରିବିନି । ତୁମେ ଯାଅ । ଏକଥା ଶୁଣି ମୁଁ କହିଲି ଏ ଗୋଟିଏ ପ୍ରକାର ଅହେତୁକ ଭୟ । ଏହାକୁ ଫୋବିୟା କହନ୍ତି । ମୁଁ କହିଲି ଅଧିକାଂଶ ଲୋକଙ୍କଠାରେ ଏ ପ୍ରକାର ଭୟ ଦେଖାଯାଏ । ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ । ତାକୁ ରୋଗ ବୋଲି କୁହାଯାଏ ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ ।

ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ । ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି । ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି । ପ୍ରାୟ ପ୍ରତ୍ୟେକ ଲୋକଙ୍କଠାରେ ଏକପ୍ରକାର ଭୟ ଅଳ୍ପ ଅଧିକେ ଥାଏ; ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ । ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ । ତେଣୁ ସେ ଏପରି ପରିସ୍ଥିତିଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ । :

କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋ ଫୋବିୟା ବୋଲି କୁହାଯାଏ । ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ । ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କଠାରେ ଅଧିକ ହୋଇଥାଏ । ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ । ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ । ତାକୁ ସାହାଯ୍ୟ କରିବାକୁ କେହି ନ ଥାଆନ୍ତି । ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ । ତେଣୁ ସେ ବିବ୍ରତ ହୋଇଯାଏ । ଉଦାହରଣସ୍ୱରୂପ ଘରଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ୍, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ । ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ । ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ । କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ ।

ଏପ୍ରକାର ରୋଗରେ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ, ଅବସ୍ଥା, ପରିସ୍ଥିତି ବା କାର୍ଯ୍ୟ ପ୍ରତି ଅସ୍ୱାଭାବିକ ଭୟ ଉପୁଜିଥାଏ । ଏହି ଭୟ ପ୍ରକୃତ ପରିସ୍ଥିତି ତୁଳନାରେ ଖୁବ୍ ଅଧିକ ହୋଇଥାଏ । ଏହା ଅସଙ୍ଗତ ଓ ଯୁକ୍ତିବିରୁଦ୍ଧ ବୋଲି ଲୋକଟି ଜାଣିପାରେ । ଲୋକଟି ନିଜର ଏପରି ଭୟକୁ ନିୟନ୍ତ୍ରଣ କରିପାରେ ନାହିଁ । ତେଣୁ ସେ ମାନସିକ ଯନ୍ତ୍ରଣା ପାଇଥାଏ । ଏଥିପାଇଁ ଲୋକଟି ଏପରି ବସ୍ତୁ, ଅବସ୍ଥା କାର୍ଯ୍ୟରୁ ଦୂରେଇ ରହିବାକୁ ଚେଷ୍ଟା କରେ । ଧୀରେ ଧୀରେ ଲୋକଟି ଏହି ବିଷୟରେ ସବୁବେଳେ ଭାବିଥାଏ ଓ ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ । ଏହା ସାଧାରଣତଃ ସ୍ତ୍ରୀଲୋକମାନଙ୍କଠାରେ ଅଧିକ ଦେଖାଦେଇଥାଏ । ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ । ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ । ଏହା ସେରୋଟୋନିନ, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ନ୍ୟୁରୋଟ୍ରାନ୍ସମିଟର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ । ନ୍ୟୁରୋଟ୍ରାନ୍ସମିଟର ହେଉଛି ଏକ ରାସାୟନିକ ଦ୍ରବ୍ୟ, ଯାହା ସ୍ନାୟୁଗୁଡ଼ିକ ମଧ୍ୟରେ ପ୍ରେରକ କାର୍ଯ୍ୟ କରେ । ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ଏହା ବଂଶଗତ ହୋଇପାରେ ।

ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ । ଏହି ରୋଗର ଚିକିତ୍ସା, ଔଷଧ ଓ ସାଇକୋଥେରାପି ଦ୍ୱାରା କରାଯାଇଥାଏ । ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ଔଷଧ ଅତ୍ୟନ୍ତ ଉପଯୋଗ ହୋଇଥାଏ । ସାଇକୋଥେରାପି ଦ୍ୱାରା ରୋଗୀ ମନରେ ଜନ୍ମିଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ । ଫଳରେ ରୋଗୀ ମନରୁ ଭୟ କମିଯାଏ । ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନ ଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତା'ର ଭୟର କାରଣ ହୋଇଥାଏ । ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗରୁ ଉପଶମ ମିଳିଥାଏ।

ରଥ ଭିଡ଼ ହେଉ ବା ଯେକୌଣସି ଭିଡ଼, ଏ କ୍ଷେତ୍ରରେ ପୂର୍ବରୁ କୌଣସି ମାନସିକ ସମସ୍ୟା ଥିବା ପୀଡ଼ିତମାନେ ଏହାକୁ ସାମ୍ନା ନକରିବା ସେମାନଙ୍କ ପରିପାର୍ଶ୍ୱିକ କ୍ଷେତ୍ର ପାଇଁ ଖୁବ ଭଲ। କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଏ କୌଣସି ପ୍ରକାର ଗହଳି ବିଶେଷ ଭାବରେ ମାନସିକ ଅବସାଦ, ବିଷାଦ ପରି ଅନେକ ସମସ୍ୟା ଜର୍ଜରିତ ମାନଙ୍କ ପାଇଁ ସଞ୍ଜିବନୀ ସଦୃଶ ଉତ୍ସାହପ୍ରଦ ହୋଇଥାଏ। ତେବେ କୌଣସି ଭିଡ଼ ସ୍ଥାନକୁ ଯିବା ପୂର୍ବରୁ ପୀଡ଼ିତ ଯଦି ନିଦ ଜନିତ ସମସ୍ୟା ପାଇଁ କୌଣସି ଔଷଧ ଗ୍ରହଣ କରିଥାନ୍ତି ବା ତାଙ୍କୁ ନିଦୁଆ ଲାଗୁଥାଏ, ସେ ଯଦି ଦୁର୍ବଳ, ଅବସନ୍ନ, ଅପ୍ରସନ୍ନ ଅନୁଭବ କରନ୍ତି ତେବେ ତାଙ୍କୁ ନ ନେବା ଖୁବ ଭଲ। ତେବେ ଗହଳିଜନିତ ଭିଡ଼ ମଧ୍ୟ ଯେ ଭିଡ଼ ଭୟ ସୃଷ୍ଟି କରୁଥିବା ମାନସିକ ପୀଡ଼ିତ ମାନଙ୍କପାଇଁ ଯେ ଏକ ଫୋବିଆ ଏହା ଅତ୍ୟୁକ୍ତି ନୁହେଁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟରୋଡ଼, କଟକ, ମୋବାଇଲ-୯୧୩୨୪୩୩୩୩୩**

# କୋଭିଡ୍ ସଂକ୍ରମଣର ମୁକାବିଲା ପାଇଁ ଜରୁରୀ ପଦକ୍ଷେପ

ଆନ୍ଧ୍ରପ୍ରଦେଶରେ କୋଭିଡ୍-୧୯ ସଂକ୍ରମଣର ହଠାତ୍ ବୃଦ୍ଧି ଏବଂ ସନ୍ଦିଗ୍ଧ ମୃତ୍ୟୁ ଘଟଣା ସାରା ଓଡ଼ିଶା ପାଇଁ ଏକ ଗମ୍ଭୀର ସତର୍କ ଘଣ୍ଟି ବଜାଇ ଦେଇଛି, ବିଶେଷକରି ଯେତେବେଳେ ଆଉ ମାତ୍ର କିଛି ଦିନ ପରେ ପବିତ୍ର ରଥଯାତ୍ରା ଆରମ୍ଭ ହେବାକୁ ଯାଉଛି, ଏହି ମୁହୂର୍ତ୍ତରେ କୌଣସି ପ୍ରକାର ଅବହେଳା କ୍ଷମଣୀୟ ନୁହେଁ ଏବଂ ପ୍ରତ୍ୟେକ ନାଗରିକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସତର୍କ ରହିବାକୁ ପଡ଼ିବ, ଆନ୍ଧ୍ରପ୍ରଦେଶର କାଡ଼ପା ଓ ଅନ୍ୟାନ୍ୟ ଜିଲ୍ଲାରୁ ଆସୁଥିବା ସଂକ୍ରମଣର ଖବର ଓଡ଼ିଶାର ସୀମାନ୍ତ ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନବରଙ୍ଗପୁର ପାଇଁ ବଡ଼ ବିପଦ ସୃଷ୍ଟି କରିଛି, ପ୍ରଶାସନ ପକ୍ଷରୁ ସୀମାନ୍ତରେ କଡ଼ା ନଜର ରଖାଯାଇଥିଲେ ମଧ୍ୟ ବ୍ୟକ୍ତିଗତ ସଚେତନତା ଏବେ ସର୍ବାଧିକ ଆବଶ୍ୟକ, ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କ ସ୍ପଷ୍ଟ ଚେତାବନୀ ଅନୁଯାୟୀ, ଓଡ଼ିଶାରେ ସଂକ୍ରମଣକୁ ପ୍ରବେଶ କରିବାକୁ ନଦେବା ପାଇଁ ସର୍ଭିଲାନ୍ସ ବ୍ୟବସ୍ଥାକୁ ଅଧିକ କଠୋର କରାଯାଇଛି, ରଥଯାତ୍ରା ସମୟରେ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ, ଯଦି ଆମେ ଏବେଠାରୁ ମାସ୍କ ବ୍ୟବହାର, ସାମାଜିକ ଦୂରତା ଏବଂ ହାତ ଧୋଇବା ପରି ସ୍ୱାସ୍ଥ୍ୟ ନିୟମକୁ ଅକ୍ଷରେ ଅକ୍ଷରେ ପାଳନ ନକରିବା, ତେବେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଆଶଙ୍କା ରହିଛି, କୋଭିଡ୍ ଭୂତାଣୁ ଯେପରି ରୂପ ବଦଳାଇ ପୁଣି ଫେରିଛି, ତାହାକୁ ଦୃଷ୍ଟିରେ ରଖି କୌଣସି ବି ଲକ୍ଷଣ ଦେଖାଦେଲେ ତୁରନ୍ତ କୋଭିଡ୍ ପରୀକ୍ଷା କରିବାକୁ ବାଧ୍ୟତାମୂଳକ ଭାବେ ଗ୍ରହଣ କରିବାକୁ ହେବ, ହସ୍ପିଟାଲଗୁଡ଼ିକରେ ଆଇସୋଲେସନ୍ ୱାର୍ଡ଼ ଓ ଅକ୍ସିଜେନ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି, କିନ୍ତୁ କେବଳ ସରକାରୀ ପ୍ରସ୍ତୁତି ଯଥେଷ୍ଟ ନୁହେଁ, ପ୍ରତ୍ୟେକ ଭକ୍ତ ଓ ନାଗରିକ ଏହି ସଂକଟ ସମୟରେ ଅଧିକ ସତର୍କ ଓ ଦାୟିତ୍ୱବାନ ହେବା ଉଚିତ, ରଥଯାତ୍ରା ପରି ମହାନ ପର୍ବର ଆନନ୍ଦକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ କୋଭିଡ୍ କଟକଣାକୁ ପାଳନ କରିବା ସହ ଭିଡ଼ ଏଡ଼ାଇବା ପାଇଁ ସ୍ୱତଃପ୍ରବୃତ୍ତ ଭାବେ ପ୍ରୟାସ କରିବାକୁ ହେବ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବାରୁ ଦୂରେଇ ରହିବା ସହ ସମସ୍ତ ସରକାରୀ ଗାଇଡ୍ ଲାଇନକୁ ମାନିବା ହିଁ ଏବେ ଏକମାତ୍ର ଉପାୟ, ଆନ୍ଧ୍ରପ୍ରଦେଶର ସ୍ଥିତିକୁ ଦେଖିଲେ ମନେହୁଏ ଯେ ଆମକୁ କୋଭିଡ୍ ଲଢେଇରେ ଆଉଥରେ ଶୃଙ୍ଖଳିତ ହେବାକୁ ପଡ଼ିବ, ଗୁଜବରୁ ଦୂରେଇ ରହି କେବଳ ସରକାରୀ ଓ ପ୍ରାଧିକୃତ ସୂଚନାକୁ ଭରସା କରନ୍ତୁ, ରଥଯାତ୍ରା ୨୦୨୬ ଆମ ପାଇଁ ଏକ ପରୀକ୍ଷା, ଯେଉଁଠାରେ ଆମର ସ୍ୱାସ୍ଥ୍ୟ ସୁରକ୍ଷା ଓ ଶ୍ରଦ୍ଧା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ, ସାମାନ୍ୟ ଅବହେଳା ମଧ୍ୟ ବିପଦକୁ ଆମନ୍ତ୍ରଣ କରିପାରେ, ତେଣୁ ସତର୍କତା ହିଁ ଆମର ଏକମାତ୍ର ସୁରକ୍ଷା କବଚ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶା ଏହି ସମ୍ଭାବ୍ୟ ମହାମାରୀରୁ ମୁକ୍ତ ରହୁ, କିନ୍ତୁ ସେହି ଆଶୀର୍ବାଦ ପ୍ରାପ୍ତ ହେବା ପାଇଁ ଆମକୁ ନିଜର ଦାୟିତ୍ୱ ନିଭାଇବାକୁ ପଡ଼ିବ, ଏହି ସଙ୍କଟ ସମୟରେ ସମସ୍ତଙ୍କ ସହଯୋଗ ଆବଶ୍ୟକ, ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ଏବଂ ନିୟମ ପାଳନ କରନ୍ତୁ, ରଥଯାତ୍ରାର ପବିତ୍ରତା ରକ୍ଷା କରିବା ଓ ନିଜ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନେବାରେ ପଛଘୁଞ୍ଚା ଦିଅନ୍ତୁ ନାହିଁ, ଜୟ ଜଗନ୍ନାଥ !



# ଭାବ ନନ୍ଦିଘୋଷ

**ସଂଯୁକ୍ତା ମିଶ୍ର**

ତୁମ ନିର୍ଦ୍ଦେଶରେ ଚାଲେ ନନ୍ଦିଘୋଷ
ତୁମ ଆଦେଶରେ ଜୀବନ ରଥ
ପୂର୍ବାଦଳ ସାଥେ କୁସୁମିତ ହୁଏ
ତୁମ କୃପାବଳେ କଣ୍ଟ ପଥ।
ଅଭିସଂପାତର ଅହଲ୍ୟାଟିଏ ମୁଁ
ପଡ଼ିଥିଲି ହୋଇ ଅଲୋଡ଼ା ଶିଳା
ତୁମ ପଦରଜ ପରଶ ପାଇନି
ପାଇ କାଣିଚାଏ କୈବଲ୍ୟ କଳା
ତୁମ ଦିବ୍ୟ କାହିଁ ସ୍ପର୍ଶିତ ପବନ
ମୋ ଦେହକୁ ସତେ ଦେଲା କି ଛୁଇଁ
ଶରୀର ପୁଲକେ ଉଲ୍ଲସିତ ହୁଏ
ଭାବର ମଳୟ ନିଏ ଉଡ଼ାଇ।
ମୀରା ଫୁଲହାର ମହକ ମୁଁ ନୁହେଁ
ରାଧା ଗୀତିସୁର ପ୍ରୀତି ମହ୍ଲାର
ନୁହେଁ ଦେବଦାସୀ ନୂପୁର ନିକ୍ୱଣ
ଅଷ୍ଟ ପାଟବଂଶୀ ପାଦ ଘୁଙ୍ଗୁର
ତଥାପି ଏମନ ଭାବେ ତୁମ କଥା
ଦେଖିବାକୁ ଚାହେଁ ତୁମ ଶ୍ରୀମୁଖ
ଶବରୀ ପରାଏ ଖୁଆଇ ଦିଅନ୍ତି
ଚାଖି ଚାଖି କୋଳି ଜଗତ ଯାକ
ଯୁଗପରେ ଯୁଗ ଯାଉଥାଆନ୍ତି ବିତି
ସତ୍ୟ, ତ୍ରେତୟା, ଦ୍ୱାପର, କଳି
ପ୍ରତିଟି ଯୁଗରେ ପ୍ରତୀକ୍ଷା କରନ୍ତି
ହୃଦ ମନ୍ଦିରରେ ଜାଳି ଦୀପାଳି
ସଜାଇ ବସନ୍ତି ମୋ ମନ ରଥକୁ
ଭାବର ସଂପକ କେତକୀ ଫୁଲେ
ଚିତ୍ତ ପ୍ରଜାପତି ନାଚି ଗାଉଥାଆନ୍ତା
ଗୀତ ଗୋବିନ୍ଦର ସୁରର ତ୍ଵାଳେ
ମେଘମାଳା ଦ୍ୟୁତି ଝଟକି ତା' କାନ୍ତି
ଛିଟିକି ପଡ଼ନ୍ତା ତୁମର ମୁଖେ
ଆହା କି ସୁନ୍ଦର ଶୋଭା ସେ ମୁଖର
ଦେଖି ଲୋଟି ଯାଆନ୍ତି ତୁମ ସମ୍ମୁଖେ
ମାଗନ୍ତିନି କିଛି ଦିଅ ମୋତେ ପ୍ରଭୁ
ଛଡ଼ାଇ ନିଅ ହେ ଯାହା ଦେଇଛ
ଛାଡ଼ି ଯାଉ ଏଇ ସଂସାରରୁ ମୋହ
ଦିଅ ଟିକେ ସ୍ଥାନ ଶ୍ରୀପୟର ତଳେ
ଆଶ୍ରା ହେଉ ତୁମ ନନ୍ଦିଘୋଷ।



ଅମଳାପଡ଼ା, ଢ଼େଙ୍କାନାଳ



# ଡାବର ଉପରେ ବିଶେଷଜ୍ଞମାନେ ସଠିକ୍ ଅଭ୍ୟାସ ଗଢ଼ି ତୋଳିବା ଉପରେ ଜୋର ଦେଇଛନ୍ତି

ଭୁବନେଶ୍ୱର, ୧୫।୭ (ନି.ପ୍ର) : ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଯୁବମାନଙ୍କ ମଧ୍ୟରେ ଦେଖାଦେଉଥିବା ଅଧିକାଂଶ ମୁଖ ସ୍ୱାସ୍ଥ୍ୟ ସମସ୍ୟା ଅବହେଳା ଯୋଗୁଁ ନୁହେଁ, ବରଂ ପ୍ରତିଦିନର ଭୁଲ ଅଭ୍ୟାସ ଓ ଭ୍ରାନ୍ତ ଧାରଣା ଯୋଗୁଁ ସୃଷ୍ଟି ହୁଏ। ତରବରିଆ ଭାବରେ ବ୍ରଶ କରିବା, ଫ୍ଲସ୍ ବ୍ୟବହାର ନ କରିବା, ନିୟମିତ ଦାନ୍ତ ପରୀକ୍ଷାରୁ ଦୂରେଇ ରହିବା କିମ୍ବା ମାଢ଼ିରୁ ରକ୍ତ ବାହାରିବା, ମୁଖରୁ ଦୁର୍ଗନ୍ଧ ଆସିବା ଅଥବା ଦାନ୍ତରେ ସାମାନ୍ୟ ସମ୍ବେଦନଶୀଳତା ଭଳି ଲକ୍ଷଣକୁ ଅଣଦେଖା କରିବା ସାଧାରଣ କଥା। କିନ୍ତୁ ଏହି ଛୋଟ ଛୋଟ ଅଭ୍ୟାସ ସମୟ ସହିତ ମାଢ଼ିକୁ ଦୁର୍ବଳ କରିପାରେ, ଦାନ୍ତର ଇନାମେଲ୍କୁ କ୍ଷତିଗ୍ରସ୍ତ କରିପାରେ ଏବଂ ଦୀର୍ଘମିଆଦିରେ ଗୁରୁତର ଦାନ୍ତ ସମସ୍ୟାର ଆଶଙ୍କା ବଢ଼ାଇପାରେ। ଓରାଲ୍ କେୟାର ବିଶେଷଜ୍ଞ ଡ଼ା. ସୋନିଆ ଦତ୍ତ କହିଛନ୍ତି, "ଅନେକ ୨୦ ବର୍ଷ ବୟସର ଯୁବକ-ଯୁବତୀ ଭାବନ୍ତି ଯେ ଯଦି ସେମାନଙ୍କର କୌଣସି ବେଦନା କିମ୍ବା ସ୍ପଷ୍ଟ ଦାନ୍ତ ସମସ୍ୟା ନାହିଁ, ତେବେ




ସେମାନଙ୍କର ମୁଖ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ଅଛି। କିନ୍ତୁ ଅନେକ ସମୟରେ କୌଣସି ଲକ୍ଷଣ ନ ଥିବାର ଅର୍ଥ ସମସ୍ୟା ନ ଥିବା ନୁହେଁ। ଅଧିକାଂଶ ମୁଖ ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ବିକଶିତ ହୁଏ। ତେଣୁ ପ୍ରତିରୋଧମୂଳକ ଯତ୍ନ ଏବଂ ନିୟମିତ ଦେଖଭାଳ ଅତ୍ୟନ୍ତ ଜରୁରୀ।" ସେ ଆହୁରି କହିଛନ୍ତି, "ଉତ୍ତମ ମୁଖ ସ୍ୱାସ୍ଥ୍ୟ ଗୋଟିଏ ଦିନର ପ୍ରୟାସରେ ନୁହେଁ, ବରଂ ନିୟମିତ ଅଭ୍ୟାସ ଦ୍ୱାରା ଗଢ଼ିଉଠେ। ଦିନକୁ ଦୁଇଥର ବ୍ରଶ କରିବା, ମାଢ଼ିର ଯତ୍ନ ନେବା ଏବଂ ସଠିକ୍ ଟୁଥପେଷ୍ଟ ବାଛିବା ଦୀର୍ଘ ସମୟ ପର୍ଯ୍ୟନ୍ତ ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ। ଆଜି ଯେତେବେଳେ ଉପଭୋକ୍ତାମାନେ ଦୈନନ୍ଦିନ ମୁଖ ସ୍ୱାସ୍ଥ୍ୟ ଯତ୍ନ ପାଇଁ ବିଶ୍ୱସନୀୟ ସମାଧାନ ଖୋଜୁଛନ୍ତି, ସେତେବେଳେ ଡାବର ରେଡ୍ ଟୁଥପେଷ୍ଟ ଦେଶବ୍ୟାପୀ ଲକ୍ଷାଧିକ ଉପଭୋକ୍ତାଙ୍କର ପସନ୍ଦ ପାଲଟିଛି। ଏହାର ଆୟୁର୍ବେଦିକ ସଂରଚନାରେ ଲବଙ୍ଗ ଭଳି ଉପାଦାନ ରହିଛି, ଯାହା ଦାନ୍ତ ବେଦନାରୁ ଆରାମ ଦେବାରେ ସହାୟକ ବୋଲି ମନେ କରାଯାଏ, ଏବଂ ଶୁଣ୍ଠି, ଯାହା ମାଢ଼ିର ଯତ୍ନରେ ସାହାଯ୍ୟ କରେ। ଉପଭୋକ୍ତାଙ୍କ ବିଶ୍ୱାସକୁ ଆହୁରି ସୁଦୃଢ଼ କରିବା ପାଇଁ ଡାବର ରେଡ୍ ଟୁଥପେଷ୍ଟକୁ ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍ର ସ୍ୱୀକୃତି ମଧ୍ୟ ମିଳିଛି। ଦାନ୍ତ ଓ ମାଢ଼ିକୁ ଶକ୍ତିଶାଳୀ ଏବଂ ସୁସ୍ଥ ରଖିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଡାବର ରେଡ୍ ଟୁଥପେଷ୍ଟ ଆୟୁର୍ବେଦର ପାରମ୍ପରିକ ଶକ୍ତି ଓ ଆଧୁନିକ ଗୁଣାତ୍ମକ ମାନଦଣ୍ଡର ଏକ ସନ୍ତୁଳିତ ସମନ୍ୱୟ। କମ୍ ବୟସରୁ ଉତ୍ତମ ମୁଖ ସ୍ୱାସ୍ଥ୍ୟ ଅଭ୍ୟାସ ଗଢ଼ି ତୋଳିବାକୁ ଇଚ୍ଛୁକ ଲୋକମାନଙ୍କ ପାଇଁ ଏହା ଏକ ବିଶ୍ୱସନୀୟ ବିକଳ୍ପ।

# ବିଶ୍ୱସ୍ତରୀୟ ଚିପ୍ ଉପକରଣ ଖର୍ଚ୍ଚ ବୃଦ୍ଧି, ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି

ଭୁବନେଶ୍ୱର, ୧୫।୭ (ନି.ପ୍ର): ସେମିର ମଧ୍ୟବର୍ଷର ଟୋଟାଲ ସେମିକଣ୍ଡକ୍ଟର ଇକୋସିଷ୍ଟମ ପୂର୍ବାନୁମାନ ଅନୁଯାୟୀ, ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ଉତ୍ପାଦନ ଉପକରଣ ବିକ୍ରୟ ୨୦୨୬ ରେ ରେକର୍ଡ ୧୬୫.୯ ବିଲିୟନ ଆମେରିକୀୟ ଡଲାରରେ ପହଂଚିବ ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୨୩.୨% ବୃଦ୍ଧି ଏବଂ ୨୦୨୮ ସୁଦ୍ଧା ସେମାନଙ୍କର ଅଭିବୃଦ୍ଧି ପଥ ୨୨୯.୫ ବିଲିୟନ ଆମେରିକୀୟ ଡଲାରକୁ ଜାରି ରହିବ। ଏହା କୃତ୍ରିମ ବୁଦ୍ଧିମତା ଉନ୍ନତ ଲଜିକ୍, ଉଚ୍ଚ-ବ୍ୟାଣ୍ଡୱିଡଥ୍ ମେମୋରୀ (ଏଚବିଏମ), ଉନ୍ନତ ପ୍ୟାକେଜିଂ ଏବଂ ପରବର୍ତ୍ତୀ ପିଢ଼ିର ସେମିକଣ୍ଡକ୍ଟର ଉତ୍ପାଦନ ପ୍ରଯୁକ୍ତିବିଦ୍ୟାରେ ନିବେଶକୁ ତ୍ୱରାନ୍ୱିତ କରି ଚାଳିତ ପାଂଚ ବର୍ଷର ଶିଳ୍ପ ଅଭିବୃଦ୍ଧିକୁ ଚିହ୍ନିତ କରିଛି।

ପୂର୍ବାନୁମାନ ବିଶ୍ୱବ୍ୟାପୀ ଚିପ୍ ନିର୍ମାତାମାନେ ଏଆଇ-ଚାଳିତ କମ୍ପ୍ୟୁଟିଂ, ହାଇପରସ୍କେଲ ଡାଟା ସେଂଟର, ଅଟୋମୋଟିଭ୍ ଇଲେକ୍ଟ୍ରୋନିକ୍ସ ଏବଂ ବୁଦ୍ଧିମାନ ଏଜ୍ ଡିଭାଇସଗୁଡ଼ିକୁ ସମର୍ଥନ କରିବା ପାଇଁ କ୍ଷମତା ବିସ୍ତାର କରୁଥିବାରୁ ୱେଫର ଫ୍ୟାବ୍ରିକେସନ୍ ଉପକରଣ, ସେମିକଣ୍ଡକ୍ଟର ପରୀକ୍ଷଣ ସିଷ୍ଟମ ଏବଂ ଆସେମ୍ବଲି ଏବଂ ପ୍ୟାକେଜିଂ ଉପକରଣରେ ଦୃଢ଼ ଅଭିବୃଦ୍ଧିକୁ ଉଲ୍ଲେଖ କରିଛି। ସର୍ବବୃହତ ସେଗମେଂଟ, ୱାଫର ଫ୍ୟାବ୍ ଇକ୍ୱିପମେଂଟ, ୨୦୨୬ ରେ ୧୪୩.୯ ବିଲିୟନ ଆମେରିକୀୟ ଡଲାରରେ ପହଂଚିବ ବୋଲି ଆଶା କରାଯାଉଛି, ଯେତେବେଳେ ସେମିକଣ୍ଡକ୍ଟର ପରୀକ୍ଷଣ ଉପକରଣ ୩୧% ବୃଦ୍ଧି ପାଇ ୧୫.୩ ବିଲିୟନ ଆମେରିକୀୟ ଡଲାରରେ ପହଂଚିବ ବୋଲି ଆକଳନ କରାଯାଇଛି।

'ଏଆଇ ଅଧିକ ଶକ୍ତିଶାଳୀ ଏବଂ ଦକ୍ଷ ଚିପ୍ସ ପାଇଁ ଚାହିଦାକୁ ତ୍ୱରାନ୍ୱିତ କରୁଛି, ଯାହା ସେମିକଣ୍ଡକ୍ଟର ପୁଁଜି ଉପକରଣ ବଜାରରେ ବର୍ଦ୍ଧିତ ନିବେଶକୁ ଆଗେଇ ନେଉଛି,' ସେମି ସଭାପତି ଏବଂ ସିଇଓ ଅଜିତ ମନୋଚା କହିଛନ୍ତି। 'ମଧ୍ୟ ବର୍ଷର ପୂର୍ବାନୁମାନ ଏକ ଉଚ୍ଚ ଉପକରଣ ଖର୍ଚ୍ଚ ଗତିପଥକୁ ସୂଚିତ କରୁଛି କାରଣ ଚିପ୍ ନିର୍ମାତାମାନେ ଏଆଇ ଯୁଗ ପାଇଁ ଆବଶ୍ୟକ ଅଗ୍ରଣୀ ଲଜିକ୍, ଉନ୍ନତ ମେମୋରୀ, ପରୀକ୍ଷଣ ଏବଂ ପ୍ୟାକେଜିଂ କ୍ଷମତାରେ ନିବେଶ କରନ୍ତି।'ଭାରତ ପାଇଁ, ଏହି ବିଶ୍ୱ ନିବେଶ ଚକ୍ର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି। ଦେଶ ପୂର୍ବରୁ ୧୨ ଟି ସେମିକଣ୍ଡକ୍ଟର ଉତ୍ପାଦନ ପ୍ରକଳ୍ପକୁ ଅନୁମୋଦନ କରିଛି ଯେଉଁଥିରେ ଫ୍ୟାବ୍, ଏଟିଏମପି/ଓଏସଏଟି ସୁବିଧା, କମ୍ପାଉଣ୍ଡ ସେମିକଣ୍ଡକ୍ଟର ଏବଂ ଡିସପ୍ଲେ ଉତ୍ପାଦନ ଅନ୍ତର୍ଭୁକ୍ତ, ଯାହା ୨୦ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ନିବେଶକୁ ପ୍ରତିନିଧିତ୍ୱ କରୁଛି। ସେମିକନ ଇଣ୍ଡିଆ ପ୍ରୋଗ୍ରାମ୍, ପିଏଲଆଇ, ଇସିଏମଏସ, ଇଏମସି, ଆରଡିଆଇ, ଏଆଇ ମିଶନ୍ ଏବଂ ସେମିକଣ୍ଡକ୍ଟର ଡିଜାଇନ୍ ଏବଂ ଉତ୍ପାଦନ ପାଇଁ ନିରନ୍ତର ନୀତି ଗୁରୁତ୍ୱ ସହିତ, ଭାରତ ସ୍ଥିର ଭାବରେ ଏକ ବ୍ୟାପକ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମ୍ ନିର୍ମାଣ କରୁଛି। 'ସେମିକଣ୍ଡକ୍ଟର ଉତ୍ପାଦନ ଉପକରଣ ନିବେଶରେ ବିଶ୍ୱସ୍ତରରେ ଦୃଢ଼ ଅଭିବୃଦ୍ଧି ଏଆଇ, ଉନ୍ନତ କମ୍ପ୍ୟୁଟିଂ ଏବଂ ବୁଦ୍ଧିମାନ ଇଲେକ୍ଟ୍ରୋନିକ୍ସ ଦ୍ୱାରା ପରିଚାଳିତ ଏକ ନୂତନ ପ୍ରଯୁକ୍ତି ଚକ୍ରର ଆରମ୍ଭକୁ ପ୍ରତିଫଳିତ କରେ। ଭାରତ ପାଇଁ, ଏହି ଗତି ଆମର ଜାତୀୟ ସେମିକଣ୍ଡକ୍ଟର ମିଶନ ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ। ଭାରତ ଦ୍ରୁତ ଗତିରେ ଫ୍ୟାବ୍, ଓଏସଏଟି, ପ୍ରଦର୍ଶନ ଉତ୍ପାଦନ ଏବଂ ଉପକରଣ, ସାମଗ୍ରୀ ଏବଂ ଉପାଦାନ ପାଇଁ ଏକ ଦୃଢ଼ ଇକୋସିଷ୍ଟମ ନିର୍ମାଣ କରୁଥିବାରୁ, ଦେଶ ବିଶ୍ୱସ୍ତରରେ ନିବେଶ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ହେବାକୁ ଯାଉଛି। ଏହା କେବଳ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ନୁହେଁ, ବରଂ ଏକ ଦୃଢ଼ ଘରୋଇ ଯୋଗାଣ ଶୃଙ୍ଖଳ ବିକାଶ କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା, ଉଚ୍ଚ-ମୂଲ୍ୟର ଚାକିରି ସୃଷ୍ଟି କରିବା ଏବଂ ବିଶ୍ୱସ୍ତରରେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳରେ ଭାରତକୁ ଅଧିକ ଗଭୀର ଭାବରେ ସଂଯୁକ୍ତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ। ସେମି ଇଣ୍ଡିଆର ସଭାପତି ଅଶୋକ ଚଣ୍ଡକ କହିଛନ୍ତି। ରିପୋର୍ଟଟି ଏଚବିଏମ, ଡିଆରଏମ, ଏବଂ ଏନଏଏନଡି ସମେତ ଉନ୍ନତ ମେମୋରୀ ପ୍ରଯୁକ୍ତି ଏବଂ ଅଗ୍ରଣୀ ଲଜିକ୍ ଉତ୍ପାଦନରେ ନିରନ୍ତର ନିବେଶକୁ ଆହୁରି ଗୁରୁତ୍ୱାରୋପ କରେ। ବିଶ୍ୱସ୍ତରରେ ସେମିକଣ୍ଡକ୍ଟର ଶିଳ୍ପ ଇଓ-ଚାଳିତ, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଆଡକୁ ଦୌଡୁଥିବାରୁ, ପରିପକ୍ୱ ଏବଂ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ନୋଡଗୁଡ଼ିକରେ ଏକ ସମାନ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଉଭା ହେଉଛି, ଯେଉଁଠାରେ ମୋଟୋମୋଟିଭ୍, ଶିଳ୍ପ, ଶକ୍ତି ଇଲେକ୍ଟ୍ରୋନିକ୍ସ, ଯୋଗାଯୋଗ ଏବଂ ଗ୍ରାହକ ପ୍ରୟୋଗଗୁଡ଼ିକରେ ଚାହିଦା ଦୃଢ଼ ରହିଥାଏ। ଭାରତର ବର୍ତ୍ତମାନର ଉତ୍ପାଦନ ରୋଡମ୍ୟାପ୍ ଏବଂ ଡିଜାଇନ୍ ଫୋକସ୍ ଏହି ପରିବର୍ତ୍ତନକୁ ପୁଞ୍ଜି କରିବା ପାଇଁ ଭଲ ସ୍ଥିତିରେ ଅଛି, ଯାହା ଦେଶକୁ ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟା ମୂଲ୍ୟ ଶୃଙ୍ଖଳକୁ କ୍ରମାଗତ ଭାବରେ ଉପରକୁ ଉଠାଇବା ସହିତ ଏକ ପ୍ରତିଯୋଗିତାମୂଳକ ଏବଂ ବିଶ୍ୱସ୍ତ ବିଶ୍ୱ ଉତ୍ପାଦନ ଆଧାରରେ ପରିଣତ କରିବାକୁ ସକ୍ଷମ କରିଥାଏ, ଶ୍ରୀ ଅଶୋକ ଚଣ୍ଡକ ମନ୍ତବ୍ୟ ଦେଇଛନ୍ତି।

# ଟିପିଏସ୍ଓଡିଏଲର ସିଏସ୍ଆର୍ ଉତ୍କର୍ଷତା ପୁରସ୍କାର କାର୍ଯ୍ୟକ୍ରମ

ବ୍ରହ୍ମପୁର, ୧୫।୭ (ନି.ପ୍ର): ଗୋଷ୍ଠୀ ବିକାଶ, ସ୍ଥାୟୀ ଜୀବିକା ଓ ସାମାଜିକ ପରିବର୍ତ୍ତନ ଦିଗରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ) ନିଜର ପ୍ରୟାସ ଜାରି ରଖିଛି। ଏହିକ୍ରମରେ କମ୍ପାନୀ ବ୍ରହ୍ମପୁରସ୍ଥିତ ନିଜର ପରିଚାଳନା ବିକାଶ କେନ୍ଦ୍ରଠାରେ ସିଏସ୍ଆର୍ ଉତ୍କର୍ଷ ପୁରସ୍କାର-୨୦୨୬ କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବେ ସାମାଜିକ କାର୍ଯ୍ୟରେ ଭାଗ ନେଇଥିବା କର୍ମଚାରୀମାନଙ୍କ ସମେତ ଅନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଟିପିଏସ୍ଓଡିଏଲର ସିଏସ୍ଆର୍ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଜୀବିକା ବୃଦ୍ଧି, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷା, ମହିଳା ସଶକ୍ତିକରଣ, ପରିବେଶ ସ୍ଥିରତା, କ୍ରୀଡ଼ା ପ୍ରୋତ୍ସାହନ ଦିଗରେ ଟିପିଏସ୍ଓଡିଏଲ୍ ପକ୍ଷରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଦକ୍ଷିଣ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ସକାରାତ୍ମକ ଢ଼ଙ୍ଗରେ ପ୍ରଭାବିତ କରିବାରେ କମ୍ପାନୀର ଉଦ୍ୟମ କିପରି ସଫଳ ହେଉଛି ତାହା ଏହି ଭିଡିଓରେ ପ୍ରଦର୍ଶିତ ହୋଇଥିଲା। ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ଜରିଆରେ ୯୮ ହଜାରରୁ ଅଧିକ ପରିବାର ତଥା ୧୦୪୪ ପଞ୍ଚାୟତର ୪.୮ ଲକ୍ଷ ନାଗରିକଙ୍କୁ ସଶକ୍ତ କରାଯାଇଛି। ୬୦ ହଜାରରୁ ଅଧିକ ଛାତ୍ରୀଛାତ୍ରମାନଙ୍କୁ ସ୍ଥିରତା, ଶକ୍ତି ସଂରକ୍ଷଣ, ଓ ଜଳବାୟୁ ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରାଯାଇଛି। ସେହିପରି ଅଧିକାର ଯୋଜନା ମାଧ୍ୟମରେ ୬୬୮ଟି ଗ୍ରାମରେ ୧୬ ହଜାର ୬୦୦ରୁ ଅଧିକ ହିତାଧିକାରୀ ସରକାରୀ ବ୍ୟବସ୍ଥା ସହ ଯୋଡ଼ି ହୋଇପାରିଛନ୍ତି। ଏହାସହ ଡିପ୍ଲୋମା ଛାତ୍ରବୃତ୍ତି, ଧନ୍ଦାମୂଳକ ତାଲିମ, ମହିଳାଙ୍କ ନିମନ୍ତେ ଦକ୍ଷତା ବିକାଶ କେନ୍ଦ୍ର ଓ ରୋଜଗାର ନିମନ୍ତେ ସୁଯୋଗ, ସୌର ପ୍ୟାନେଲ ଟେକ୍ନିସିଆନ୍, ଖାଦ୍ୟ ଉତ୍ପାଦନ ତାଲିମ ଓ ଅନୁସୂଚିତ ଜନଜାତିଙ୍କ ଐତିହ୍ୟ ଓ କଳାକୁ ପ୍ରୋତ୍ସାହନ ଭଳି ଉଦ୍ୟମ କମ୍ପାନୀର ସିଏସ୍ଆର୍ ପଦକ୍ଷେପ ମଧ୍ୟରେ ସାମିଲ ରହିଛି। ଗତ ଆର୍ଥିକ



ବର୍ଷରେ କମ୍ପାନୀ ୧୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛି। ଆୟୋଜିତ ସମାରୋହରେ ଟିପିଏସ୍ଓଡିଏଲର ଉଦ୍ୟମରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ହୋଇଥିବା କ୍ରୀଡ଼ାବିତ, ସିଏସ୍ଆର୍ କାର୍ଯ୍ୟକ୍ରମ ଯେପରି ପ୍ରୋ ଏନଗେଜ୍, ଟାଟା ସ୍ୱେଚ୍ଛାସେବୀ ସପ୍ତାହ ୨୦୨୫, ଟାଟା ସସଟେନେବୁଲ ମାସ ୨୦୨୫ ରେ ଅଂଶଗ୍ରହଣ କରି ଉତ୍କର୍ଷ ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ମହିଳା ଉଦ୍ୟୋଗ ସୃଷ୍ଟି କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଉଥିବା – ଅନୋଖା ଧାଗା– ଭଳି ଉଦ୍ୟମ ଅଧୀନରେ ଉନ୍ନତ ପ୍ରଦର୍ଶନ କରି ରୋଜଗାରକ୍ଷମ ହୋଇଥିବା ମହିଳାମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମିଲ ହୋଇ ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, 'ସଂପ୍ରଦାୟ ସହ ଆଗକୁ ବଢ଼ିବା ଓ ସଂପ୍ରଦାୟର ସେବାରେ ନିଜକୁ ସାମିଲ କରିବା, ସଦାସର୍ବଦା ଆମର ପ୍ରାଥମିକତାରେ ରହିଆସିଛି। କମ୍ପାନୀର ସିଏସ୍ଆର୍ ଓ ସ୍ୱେଚ୍ଛାସେବୀ ପଦକ୍ଷେପ ଟାଟା ମୂଲ୍ୟବୋଧ ଦ୍ୱାରା ପ୍ରେରିତ ହୋଇଥିବା ବେଳେ ସମଗ୍ର ଦକ୍ଷିଣ ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଆମେ ଏକ ସ୍ଥାୟୀ ଓ ସଶକ୍ତ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରୁଛୁ।' ଏହି ସମାରୋହରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଓ ପକ୍ଷରୁ ଜିଓହୋମ୍ ଟିଭି ପ୍ୟାକ୍ ଶୁଭାରମ୍ଭ

ଭୁବନେଶ୍ୱର, ୧୫।୭ (ନି.ପ୍ର) : ଡିଜିଟାଲ୍ ମନୋରଞ୍ଜନକୁ ଅଧିକ ସୁଗମ ଏବଂ ସୁଲଭ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଜିଓ ପକ୍ଷରୁ ଜିଓହୋମ୍ ଟିଭି ପ୍ୟାକ୍ ଶୁଭାରମ୍ଭ କରାଯାଇଛି ଯାହା ଏକ ଅଲ୍-ଇନ୍-ୱାନ୍ ହୋମ୍ ଏଣ୍ଟରଟେନମେଣ୍ଟ ଅଫର୍। ମାସିକ ମାତ୍ର ୪୦୦ ଟଙ୍କାରୁ ଆରମ୍ଭ ହେଉଥିବା ଏହି ସୁଲଭ ପ୍ୟାକ୍ ପ୍ଲାନରେ ୧୦୦୦ ରୁ ଅଧିକ ଲାଇଭ୍ ଟିଭି ଚ୍ୟାନେଲ୍ ଏବଂ ପ୍ରିମିୟମ୍ ଓଟିଟି ଆପ୍ସ ଉପଲବ୍ଧ। ହୋମ ଏଣ୍ଟରଟେନମେଣ୍ଟକୁ ସରଳ କରିବା ପାଇଁ ଡିଜାଇନ୍ କରାଯାଇଥିବା ଜିଓହୋମ୍ ଟିଭି ପ୍ୟାକ୍ ମାସିକ ମାତ୍ର ୪୦୦ ଟଙ୍କାର ସୁଲଭ




ମୂଲ୍ୟରେ ୧୦୦୦+ ଲାଇଭ୍ ଟିଭି ଚ୍ୟାନେଲ୍ ଉପଲବ୍ଧ କରି ବ୍ୟାପକ ଟେଲିଭିଜନ ଦର୍ଶନ ଅଭିଜ୍ଞତା ଚାହୁଁଥିବା ପରିବାର ପାଇଁ ଏକ ସୁଲଭ ସମାଧାନ ବିକଳ୍ପ ଆଣିଛି। ସୀମିତ ଅବଧିର ୱେଲକମ ଅଫରର ଅଂଶ ଭାବରେ, ଜିଓହୋମ୍ ଟିଭି ପ୍ୟାକ୍ ସବସ୍କ୍ରାଇବ କରୁଥିବା ଗ୍ରାହକମାନେ କୌଣସି ଅତିରିକ୍ତ ମୂଲ୍ୟ ବିନା ପ୍ରଥମ ଏକ ମାସ ପାଇଁ ୩୦ ଏମବିପିଏସ ସ୍ପିଡ଼ରେ ମାଗଣା ଅସୀମିତ ୱାଇ-ଫାଇ ଏବଂ ୧୨ଟି ପ୍ରିମିୟମ୍ ଓଟିଟି ଆପ୍ସ ସବସ୍କ୍ରିପସନ୍ ପାଇବେ, ଯାହା ପ୍ରଥମ ଦିନରୁ ହିଁ ଅନନ୍ୟ ସୁବିଧା ପ୍ରଦାନ କରିବ। ଏହି ପ୍ୟାକ୍ ଜିଏସଟି ସମେତ ୨,୪୦୦ ଟଙ୍କାର ପ୍ରଥମ ରିଚାର୍ଜ (ଏଫଆରସି) ମାଧ୍ୟମରେ ଉପଲବ୍ଧ, ଯାହାର ଅବଧି ଛଅ ମାସ ରହିଛି ଏବଂ ପ୍ରଭାବଶାଳୀ ଭାବରେ ମାସିକ ମୂଲ୍ୟ ମାତ୍ର ୪୦୦ ଟଙ୍କାକୁ ନେଇଆସିଛି। ଏହା କୌଣସି ଆଗୁଆ ଦେୟ କିମ୍ବା ଲୁକ୍କାୟିତ ଚାର୍ଜ ବିନା ସ୍ୱଚ୍ଛ ମୂଲ୍ୟ ସୁନିଶ୍ଚିତ କରୁଛି। ଏହାକୁ ଆହୁରି ସୁଲଭ କରିବା ପାଇଁ, ଜିଓ ବିନା ମୂଲ୍ୟରେ ଇନଷ୍ଟାଲେସନ ଏବଂ ବିନା କୌଣସି ସୁରକ୍ଷା ଜମା ସୁବିଧା ପ୍ରଦାନ କରୁଛି, ଯାହା ଗ୍ରାହକମାନଙ୍କୁ କୌଣସି ଆଗୁଆ ଖର୍ଚ୍ଚ ବିନା ପ୍ରିମିୟମ୍ ହୋମ୍ ଏଣ୍ଟରଟେନମେଣ୍ଟ ଉପଭୋଗ କରିବାକୁ ସକ୍ଷମ କରୁଛି। ଜିଓହୋମ୍ ଟିଭି ପ୍ୟାକ୍ ସହିତ, ଜିଓ ଏକ ନିରବଚ୍ଛିନ୍ନ ତଥା ସୁଲଭ ଅଫରରେ ଲାଇଭ୍ ଟିଭି, ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ଏବଂ ପ୍ରିମିୟମ୍ ଓଟିଟି ବିଷୟବସ୍ତୁକୁ ଏକତ୍ର କରି କନେକ୍ଟେଡ୍ ହୋମ ଏଣ୍ଟରଟେନମେଣ୍ଟକୁ ପୁନଃପରିଭାଷିତ କରିଛି। ଏହି ଶୁଭାରମ୍ଭ ସମଗ୍ର ଭାରତରେ ପରିବାରଗୁଡ଼ିକର ବଢ଼ୁଥିବା ମନୋରଞ୍ଜନ ଆବଶ୍ୟକତା ପୂରଣ କରୁଥିବା ସରଳ, ସୁଲଭ ଡିଜିଟାଲ୍ ଅଭିଜ୍ଞତା ପ୍ରଦାନ କରିବା ଉପରେ ଜିଓର ନିରନ୍ତର ପ୍ରାଧାନ୍ୟକୁ ପ୍ରତିଫଳିତ କରୁଛି।

# ଅଲଟ୍ରାଭାୟୋଲେଟର କିଲ୍ ଦି ପେଟ୍ରୋଲ ବିଲ୍ କାର୍ଯ୍ୟକ୍ରମରେ କ୍ୟାସବ୍ୟାକ ଓ ସଂଚୟ

ଭୁବନେଶ୍ୱର, ୧୫।୭ (ନି.ପ୍ର) : ସାରା ଭାରତରେ ପେଟ୍ରୋଲ ମୂଲ୍ୟ କ୍ରମାଗତ ଭାବେ ବଢୁଥିବା ବେଳେ ଅଲଟ୍ରାଭାୟୋଲେଟ ଏକ ନୂତନ ପଦକ୍ଷେପ ଘୋଷଣା କରିଛି ଯାହାର ଉଦ୍ଦେଶ୍ୟ ହେଉଛି ସମଗ୍ର ଦେଶରେ ସମ୍ଭାବ୍ୟ ଦୁଇଚକିଆ ଯାନ କ୍ରେତାମାନଙ୍କ ପାଇଁ ଇଲେକ୍ଟ୍ରିକ୍ ଗମନାଗମନକୁ ଗ୍ରହଣ କରିବା ଅଧିକ ସହଜ ହେବ। ଗ୍ରାହକମାନେ ଯାନ ମାଲିକାନାର ମୂଲ୍ୟକୁ ଅଧିକରୁ ଅଧିକ ମୂଲ୍ୟାଙ୍କନ କରୁଥିବାରୁ ଅଲଟ୍ରାଭାୟୋଲେଟ୍ ଇଭିକୁ ଗ୍ରହଣ କରିବାର ଆର୍ଥିକ ଓ କାର୍ଯ୍ୟଦକ୍ଷତା ସୁବିଧାଗୁଡ଼ିକୁ ଦୃଢ଼ କରୁଛି ଏବଂ ଏହି ପରିବର୍ତ୍ତନକୁ ପୂର୍ବ ଅପେକ୍ଷା ଅଧିକ ଆକର୍ଷଣୀୟ କରୁଛି।

ଏଥିରେ ଚାଳକମାନେ ସେମାନଙ୍କ ଗାଡ଼ିଚାଳନା ଇତିହାସ ଓ ଯାନ ବ୍ୟବହାରକୁ ଆଧାର କରି ଏକ ଅଲଟ୍ରାଭାୟୋଲେଟ୍ ମୋଟରସାଇକେଲ କ୍ରୟ ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ। ପେଟ୍ରୋଲରେ ଚଲାଯାଇଥିବା କିଲୋମିଟରକୁ ମାଲିକାନା ଲାଭରେ ରୂପାନ୍ତରିତ କରି ଅଲଟ୍ରାଭାୟୋଲେଟ ଇଭିର କାର୍ଯ୍ୟଦକ୍ଷତା, ପ୍ରଯୁକ୍ତି, ବିଶ୍ୱସନୀୟତା ଓ ରାଇଡିଂ ଅନୁଭୂତି ସହିତ ସାଲିସ୍ ନକରି ବାରମ୍ବାର ହେଉଥିବା ଇନ୍ଧନ ଖର୍ଚ୍ଚରୁ ମୁକ୍ତି ପ୍ରଦାନ କରିବାର ସୁବିଧା ଉପରେ ଆଲୋକପାତ କରୁଛି। ଏ ସମ୍ପର୍କରେ ଅଲଟ୍ରାଭାୟୋଲେଟର ସିଈଓ ଓ ସହପ୍ରତିଷ୍ଠାତା ନାରାୟଣ ସୁବ୍ରମଣ୍ୟମ କହିଛନ୍ତି ଯେ, 'ପେଟ୍ରୋଲର ବର୍ଦ୍ଧିତ ମୂଲ୍ୟ କିଛି ଦିନ ଧରି ବ୍ୟାପକ ଆଲୋଚନାର ବିଷୟ ହୋଇ ରହିଛି। କିନ୍ତୁ ଗ୍ରାହକମାନଙ୍କୁ

ଇନ୍ଧନ ନିର୍ଭରଶୀଳତାରୁ ଦୂରେଇ ଯିବାରେ ସିଧାସଳଖ ସାହାଯ୍ୟ କରୁଥିବା ଭଳି ବହୁତ କମ୍ ପଦକ୍ଷେପ ନିଆଯାଇଛି। ଅଲଟ୍ରାଭାୟୋଲେଟରେ ଆମେ ବିଶ୍ୱାସ କରୁ ଯେ ଇଭିକୁ ଗ୍ରହଣ କରିବା ପାଇଁ ବାସ୍ତବ ପଦକ୍ଷେପ ନେବା ଆବଶ୍ୟକ ଯାହା ଇଭି ମାଲିକାନାକୁ ଅଧିକ ସହଜଲଭ୍ୟ ଓ ଆକର୍ଷଣୀୟ କରିବ, ଯାହା ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଇଭି ସ୍ଥାନାନ୍ତରଣକୁ ଦ୍ରୁତ ଗତିରେ ଆଗେଇ ନେବାର ଦୂରଦୃଷ୍ଟି ସହିତ ସମନ୍ୱିତ ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଭାରତ ସାରା ସମ୍ଭାବ୍ୟ ଦୁଇଚକିଆ ଯାନ ମାଲିକମାନଙ୍କୁ ଅଧିକ ଆତ୍ମବିଶ୍ୱାସ ସହିତ ସେହି ପରିବର୍ତ୍ତନ କରିବାକୁ ସକ୍ଷମ କରୁଛୁ ଏବଂ ଏଥି ସହିତ ଯଥେଷ୍ଟ କମ୍ ଗାଡ଼ିଚଳନା ଖର୍ଚ୍ଚ, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଏକ ଉନ୍ନତ ମାଲିକାନା ଅନୁଭୂତିରୁ ଲାଭବାନ ହେଉଛୁ। ଇଲେକ୍ଟ୍ରିକ ଗମନାଗମନ କ୍ରମାଗତ ଭାବେ ପରିପକ୍ୱ ହେଉଥିବା ବେଳେ ଆମର ଧ୍ୟାନ ସାରା ଦେଶରେ ଚାଳକମାନଙ୍କ ପାଇଁ ସ୍ଥାନାନ୍ତରଣକୁ ସହଜ ଏବଂ ଅଧିକ ଲାଭଦାୟକ କରି ଗ୍ରହନୀୟତାକୁ ତ୍ୱରାନ୍ୱିତ କରିବା ଉପରେ ରହିଛି। ଅଲଟ୍ରାଭାୟୋଲେଟ୍ ନିରନ୍ତର ଉତ୍ପାଦନ ନବସୃଜନ, ଏହାର ଖୁଚୁରା ଗ୍ରାହକ ନେଟୱର୍କର ସମ୍ପ୍ରସାରଣ, ବଢୁଥିବା ଗ୍ରାହକ ଗ୍ରହଣୀୟତା ଓ ଅନ୍ତର୍ଜାତୀୟ ବଜାରରେ ନିରନ୍ତର ପ୍ରଗତି ମାଧ୍ୟମରେ ଭାରତର ଅଗ୍ରଣୀ ଇଭି ବ୍ରାଣ୍ଡ ଭାବରେ ଏହାର ସ୍ଥିତିକୁ ମଜବୁତ କରିବା ଜାରି ରଖିଛି। ଏହି କ୍ଷେତ୍ର ପରିପକ୍ୱ ହେବା ସହିତ କମ୍ପାନି ଉନ୍ନତ ପ୍ରଯୁକ୍ତି, ରୋମାଞ୍ଚକର କାର୍ଯ୍ୟଦକ୍ଷତା ଏବଂ ଉନ୍ନତ ମାଲିକାନା ମୂଲ୍ୟକୁ ଏକତ୍ର କରୁଥିବା ଉତ୍ପାଦଗୁଡ଼ିକର ନିର୍ମାଣ ଉପରେ ଧ୍ୟାନ ଦେଉଛି।

# ରଥଯାତ୍ରା ପୂର୍ବରୁ ଏୟାରଟେଲ ଓଡ଼ିଶାବ୍ୟାପୀ ନେଟୱର୍କ ପ୍ରସ୍ତୁତିକୁ ସୁଦୃଢ଼ କରିଛି

ଭୁବନେଶ୍ୱର, ୧୫।୭ (ନି.ପ୍ର): ଭାରତର ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ ଭାରତୀ ଏୟାରଟେଲ ('ଏୟାରଟେଲ') ଆଜି ପୁରୀ ରଥଯାତ୍ରା ଉପରେ ବିଶେଷ ଧ୍ୟାନ ଦେଇ ଓଡ଼ିଶାରେ ଏକ ବ୍ୟାପକ ନେଟୱର୍କ ଉନ୍ନତିକରଣ କାର୍ଯ୍ୟକ୍ରମର ସଫଳ ସମାପ୍ତି ଘୋଷଣା କରିଛି। ବାର୍ଷିକ ପର୍ବ ସମୟରେ କଲ୍ ଓ ଡାଟା ଟ୍ରାଫିକ୍ରେ ଉଲ୍ଲେଖନୀୟ ବୃଦ୍ଧି ହେଉଥିବା ଲକ୍ଷ୍ୟ କରି, ଏୟାରଟେଲ ପବିତ୍ର ନଗରୀକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ସଡ଼କ ଓ ରେଳ ଯୋଗାଯୋଗ ମାର୍ଗକୁ ଅନ୍ତର୍ଭୁକ୍ତ କରି ପୁରୀରେ ନିଜ ନେଟୱର୍କ ଭିତ୍ତିଭୂମିକୁ ପୂର୍ବ ପ୍ରସ୍ତୁତିମୂଳକ ଭାବେ ସୁଦୃଢ଼ କରିଛି। ଏହି ଉନ୍ନତିକରଣଗୁଡ଼ିକ, ସମସ୍ତ ୫ଏ ସହିତ ସଜ୍ଜିତ, ନେଟୱର୍କ ଚାହିଦାରେ ସମ୍ଭାବିତ ବୃଦ୍ଧିକୁ ପ୍ରଭାବୀ ଭାବେ ପରିଚାଳନା କରିବା ଏବଂ ଜନସମାଗମର ଶୀର୍ଷ ସମୟରେ ହାଇ-ସ୍ପିଡ୍ ଡାଟା ସେବା ସହିତ ନିରବଚ୍ଛିନ୍ନ କଲ୍ ସଂଯୋଗ ସୁନିଶ୍ଚିତ କରିବା ପାଇଁ କରାଯାଇଛି। ବିଗତ ୧୨ ମାସ ମଧ୍ୟରେ, କମ୍ପାନୀ ରାଜ୍ୟବ୍ୟାପୀ ୧,୫୦୦ ରୁ ଅଧିକ ନୂତନ ୫ଏ ସାଇଟ୍ ସ୍ଥାପନ କରିଛି, ଯାହା ୩୦ ଟି ଜିଲ୍ଲାରେ ନିଜ ନେଟୱର୍କ ବ୍ୟାପ୍ତିକୁ ଗୁରୁତ୍ୱପୂର୍ଣ୍ଣ ଭାବେ ମଜବୁତ କରିଛି ଏବଂ ସହରାଞ୍ଚଳ, ଉଦୀୟମାନ ସହର ଏବଂ ଗ୍ରାମୀଣ ସମୁଦାୟକୁ ମିଶାଇ ୧୧ ନିୟୁତରୁ ଅଧିକ ଗ୍ରାହକଙ୍କ ପାଇଁ ନିର୍ଭରଯୋଗ୍ୟ ହାଇ-ସ୍ପିଡ୍ ସଂଯୋଗ ସମ୍ଭବ କରିଛି। 'ପୁରୀ ରଥଯାତ୍ରା ଓଡ଼ିଶାର ସବୁଠାରୁ ଶ୍ରଦ୍ଧାପୂତ ଏବଂ ବୃହତ୍ତମ ଜନସମାଗମ ମଧ୍ୟରୁ ଅନ୍ୟତମ, ଯାହା ଦେଶ ଏବଂ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକୃଷ୍ଟ କରେ। ଏହି ସମୟ ମଧ୍ୟରେ ନିରବଚ୍ଛିନ୍ନ ସଂଯୋଗ ସୁନିଶ୍ଚିତ କରିବା ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା,' ଭାରତୀ ଏୟାରଟେଲର ମୁଖ୍ୟ ପରିଚାଳନା ଅଧିକାରୀ (ଉଡଂଡ) ଅଭିରୂପ ଚାଟାର୍ଜୀ କହିଛନ୍ତି। 'ଆମେ ପୁରୀ ଏବଂ ପ୍ରମୁଖ ଯାତ୍ରା ମାର୍ଗଗୁଡ଼ିକରେ ବ୍ୟାପକ ନେଟୱର୍କ ଉନ୍ନତିକରଣ ଶେଷ କରିଛୁ। ଏହି ନିବେଶଗୁଡ଼ିକ ସମଗ୍ର ଉତ୍ସବ ସମୟରେ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ଏକ ନିର୍ଭରଯୋଗ୍ୟ, ଦୃଢ଼ ଏବଂ ଉତ୍ତମ ନେଟୱର୍କ ଅଭିଜ୍ଞତା ପ୍ରଦାନ କରିବାକୁ ଏୟାରଟେଲର ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରେ।" ଗ୍ରାହକ ଅଭିଜ୍ଞତାକୁ ଆହୁରି ଉନ୍ନତ କରି, ଏୟାରଟେଲ ଓଡ଼ିଶା ?୩୧୯ ରୁ ଆରମ୍ଭ ହେଉଥିବା ଫୁଲି ଅନଲିମିଟେଡ୍ ପ୍ୟାକ୍ ଲଞ୍ଚ କରିଛି, ଯେଉଁଥିରେ ସମସ୍ତ ପ୍ରିପେଡ୍ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ଅସୀମିତ ୪ଏ ଓ ୫ଏ ଡାଟା ଏବଂ କଲ୍ ରହିଛି, ଯାହାଦ୍ୱାରା ଗ୍ରାହକମାନେ ଦୈନିକ ସୀମାର ଚିନ୍ତା ନକରି ଷ୍ଟ୍ରିମ୍, ସେୟାର, କାମ, ଅଧ୍ୟୟନ କରିପାରିବେ ଏବଂ ସଂଯୋଗରେ ରହିପାରିବେ।

# ଏୟାର ଇଣ୍ଡିଆର ମହାରାଜା କ୍ଲବ ପକ୍ଷରୁ ପ୍ରଫେସନାଲ ଗଲ୍ଫ ଟୁର ଅଫ ଇଣ୍ଡିଆ ସହ ସହଯୋଗିତା

ଭୁବନେଶ୍ୱର, ୧୫।୭ (ନି.ପ୍ର) : ଏୟାର ଇଣ୍ଡିଆର ନିୟମିତ ଯାତ୍ରୀଙ୍କ ପାଇଁ କାର୍ଯ୍ୟକ୍ରମ 'ମହାରାଜା କ୍ଲବ' ପକ୍ଷରୁ ପ୍ରଫେସନାଲ ଗଲ୍ଫ ଟୁର ଅଫ ଇଣ୍ଡିଆ (ପିଜିଟିଆଇ) ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହି ସହଯୋଗିତା ଅନୁସାରେ ୨୦୨୬ ଅଗଷ୍ଟରୁ ୨୦୨୭ ଏପ୍ରିଲ ପର୍ଯ୍ୟନ୍ତ ଭାରତରେ ହେବାକୁ ଥିବା ଡିପି ୱାର୍ଲଡ ପିଜିଟିଆଇ ଟୁର୍ଣ୍ଣାମେଂଟର ଅଫିସିଆଲ ଟ୍ରାଭେଲ ପାର୍ଟନର ହେବ ମହାରାଜା କ୍ଲବ। ଉତ୍କର୍ଷ ପ୍ରତି ପ୍ରତିବଦ୍ଧ ଥିବା ଦୁଇଟି ବ୍ରାଣ୍ଡ ଏହି ସହଯୋଗିତାରେ ଏକାଠି ହୋଇଛନ୍ତି ଏବଂ ଭ୍ରମଣ ବାହାରେ ଭିନ୍ନ ଜୀବନଶୈଳୀ ଅନୁଭବ ପ୍ରଦାନ କରିବା ପାଇଁ ମହାରାଜା କ୍ଲବର ବଢ଼ୁଥିବା ଧ୍ୟାନକୁ ଏହା ପ୍ରତିଫଳିତ କରୁଛି। ଏହି ସହଯୋଗିତା ଜରିଆରେ ଭାରତରେ ପେସାଦାର ଗଲ୍ଫ ଖେଳକୁ ମହାରାଜା କ୍ଲବ ସମର୍ଥନ କରିବ ଏବଂ ସଦସ୍ୟମାନଙ୍କୁ ସେହି ଖେଳ ସହ ଯୋଡ଼ିହେବାର ସୁଯୋଗ ପ୍ରଦାନ କରିବ। ଅଫିସିଆଲ ଭ୍ରମଣ ସହଯୋଗୀ ଭାବେ ମହାରାଜା କ୍ଲବ ତରଫରୁ ଡିପି ୱାର୍ଲଡ ପିଜିଟିଆଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳି ଓ ଅଧିକାରୀମାନଙ୍କୁ ମହାରାଜା କ୍ଲବ ଯାତ୍ରା ସୁବିଧା ପ୍ରଦାନ କରିବ। ଏହା ନିର୍ଦ୍ଦିଷ୍ଟ କେତେକ ଟୁର୍ଣ୍ଣାମେଂଟ ପାଇଁ ସ୍ୱତନ୍ତ୍ର ଅନୁଭବ ସୃଷ୍ଟି କରିବ ଯେଉଁଥିରେ ଅଗ୍ରାଧିକାର ପ୍ରବେଶ, ଆତିଥେୟତା ଓ ମହାରାଜା କ୍ଲବ ସଦସ୍ୟମାନଙ୍କ ସହ ଯୋଡ଼ି



ହେବାର ସୁଯୋଗ ସାମିଲ ରହିଛି। ଭାରତର ଅନ୍ୟତମ ଅଗ୍ରଣୀ ଭ୍ରମଣ ଓ ଜୀବନଶୈଳୀ ଲୟାଲଟି କାର୍ଯ୍ୟକ୍ରମ ଭାବେ ମହାରାଜା କ୍ଲବର ସ୍ଥିତିକୁ ଏହି ଅଭିଯାନ ଆହୁରି ସୁଦୃଢ଼ କରିବ। ଏହି ଅବସରରେ ଡିପି ୱାର୍ଲଡ ପିଜିଟିଆଇର ସଭାପତି ଶ୍ରୀ କପିଳ ଦେବ କହିଛନ୍ତି ଯେ, 'ଡିପି ୱାର୍ଲଡ ପ୍ରଫେସନାଲ ଗଲ୍ଫ ଟୁର ଅଫ ଇଣ୍ଡିଆର ଅଫିସିଆଲ ଭ୍ରମଣ ସହଯୋଗୀ ଭାବେ ଏୟାର ଇଣ୍ଡିଆକୁ ସ୍ୱାଗତ କରି ଆମେ ଉଲ୍ଲସିତ। ଏହି ଟୁରର ଉପସ୍ଥିତି ବଢ଼ୁଥିବା ବେଳେ ଏବଂ ଭାରତରେ ପେସାଦାର ଗଲଫ ଖେଳର ସ୍ତରକୁ ଏହା ବଢ଼ାଇବା ଜାରି ରଖିଥିବା ବେଳେ ଏୟାର ଇଣ୍ଡିଆ ମହାରାଜା କ୍ଲବ ଭଳି ଏକ ବିଶ୍ୱସନୀୟ ଓ ଚର୍ଚ୍ଚିତ ବ୍ରାଣ୍ଡ ଆମ ପାର୍ଶ୍ୱରେ ରହି ଉଲ୍ଲେଖନୀୟ ମୂଲ୍ୟ ଯୋଡ଼ିବ। ଆମ ଖେଳାଳୀ, ଅଫିସିଆଲ ଓ ଅଂଶୀଦାରମାନେ ନିରବଚ୍ଛିନ୍ନ ଭ୍ରମଣକୁ ଉପଭୋଗ କରିବାକୁ ଏହି ସହଯୋଗିତା ନିଶ୍ଚିତ କରିବ ଯାହା ସେମାନଙ୍କୁ ନିଜର ପ୍ରଦର୍ଶନ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାରେ ସହାୟକ ହେବ। ଏୟାର ଇଣ୍ଡିଆର ଚିଫ କମର୍ସିଆଲ ଅଫିସର ଶ୍ରୀ ନିପୁନ ଅଗ୍ରୱାଲ କହିଛନ୍ତି ଯେ, 'ଡିପି ୱାର୍ଲଡ ପ୍ରଫେସନାଲ ଗଲ୍ଫ ଟୁର ଅଫ ଇଣ୍ଡିଆ ସହିତ ସହଯୋଗିତା କରି ଓ ଭାରତରେ ଗଲ୍ଫର ବିକାଶ ପ୍ରତି ସହଯୋଗ କରି ଆମେ ଅତ୍ୟନ୍ତ ଉଲ୍ଲସିତ। ଏୟାର ଇଣ୍ଡିଆରେ ଆମେ ନିରବଚ୍ଛିନ୍ନ ଭ୍ରମଣ ଅନୁଭୂତି ପ୍ରଦାନ କରି କ୍ରୀଡ଼ା ଉତ୍କର୍ଷକୁ ସମର୍ଥନ କରିବାକୁ ପ୍ରତିବଦ୍ଧ ରହିଛୁ। ଖେଳାଳିମାନେ ସାରା ଦେଶ ବୁଲି ପ୍ରତିଯୋଗିତା କରିବାକୁ

# ବେଦାନ୍ତ ଆଲୁମିନିୟମର କୋଇଲା ଖଣି ପ୍ରକଳ୍ପ ଆରୋଗ୍ୟମ୍ ଜରିଆରେ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି

ଭୁବନେଶ୍ୱର, ୧୫।୭ (ନି.ପ୍ର) : ସାରା ଭାରତରେ ମହିଳା ଏବଂ କିଶୋରୀମାନଙ୍କ ପାଇଁ ଋତୁସ୍ରାବ ଜୀବନର ଏକ ସ୍ୱାଭାବିକ ଅଂଶ ହୋଇଥିବାବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସବୁଠାରୁ କମ୍ ଆଲୋଚିତ ଦିଗ ମଧ୍ୟରୁ ଗୋଟିଏ ହୋଇ ରହିଛି। ଏ ନେଇ ହେଉଥିବା ଆଲୋଚନାରେ କଳଙ୍କ, ଭୁଲ ସୂଚନା ଆଦି ରହି ଅସ୍ୱସ୍ତିକର ସୃଷ୍ଟି କରୁଥିବାରୁ ଅନେକ କିଶୋରୀ ଏଥିପାଇଁ ପ୍ରସ୍ତୁତ ନଥାନ୍ତି ଏବଂ ମହିଳାମାନେ ସେମାନଙ୍କ ସୁସ୍ଥତାକୁ ପ୍ରଭାବିତ କରୁଥିବା ପ୍ରସଙ୍ଗରେ ପରାମର୍ଶ ନେବାକୁ ସଂକୋଚ କରନ୍ତି। ଏହି ଆହ୍ୱାନକୁ ସ୍ୱୀକାର କରି, ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାର କୁରାଲୋଇ, ଜାମଖାନୀ ଏବଂ ଘୋଘରପଲ୍ଲୀ କୋଇଲା ଖଣି ଆଖପାଖ ଅଞ୍ଚଳରେ ପ୍ରକଳ୍ପ ଆରୋଗ୍ୟମ ମାଧ୍ୟମରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଏବଂ ସଚେତନତାକୁ ପ୍ରୋତ୍ସାହିତ କରୁଛି। ଏହି ପ୍ରୟାସର ଅଂଶବିଶେଷ ସ୍ୱରୂପ, କମ୍ପାନୀ ନିକଟରେ ଏକ ସପ୍ତାହ ବ୍ୟାପୀ ଋତୁସ୍ରାବ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ଋତୁସ୍ରାବ ସ୍ୱଚ୍ଛତା, ପୋଷଣ, ଯନ୍ତ୍ରଣା ଉପଶମ ଏବଂ ଦୀର୍ଘସ୍ଥାୟୀ ଋତୁସ୍ରାବ ଉତ୍ପାଦ ସଂକ୍ରାନ୍ତରେ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ଅଧିବେଶନ



ମାଧ୍ୟମରେ ୬୭୦ ରୁ ଅଧିକ ମହିଳା ଏବଂ କିଶୋରୀଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚିଥିଲା। ଏହି ପଦକ୍ଷେପ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଥିବା ଭୁଲ୍ ସୂଚନାକୁ ବଦଳାଇବାକୁ ଉତ୍ସାହିତ କରିଥିଲା। ଏକ ଅନନ୍ୟ ସାଂସ୍କୃତିକ ଦିଗକୁ ଯୋଡ଼ି, ଏହି କାର୍ଯ୍ୟକ୍ରମ ରଜ ପର୍ବ ସହିତ ଜଡିତ ଓଡ଼ିଶାର ପାରମ୍ପରିକ ରୀତିନୀତି ମଧ୍ୟ ଗ୍ରହଣ କରିଥିଲା, ଯାହାକୁ ମହିଳାମାନେ ପାଳନ କରିବା ସହିତ ଋତୁସ୍ରାବ ଜୀବନର ଏକ ସ୍ୱାଭାବିକ ଅଂଶ ବୋଲି ସେମାନଙ୍କର ଭାବନାକୁ ଦୃଢ଼ କରିଥିଲା। କୁରାଲୋଇ ଗାଁର ଚଉଦ ବର୍ଷୀୟା ବେବିନା ସାହୁ ତାଙ୍କ ଅନୁଭୂତି ବାଣ୍ଟି କହିଥିଲେ 'ପୂର୍ବରୁ, ମୁଁ କେବଳ ମୋ ସ୍କୁଲ ପାଠରୁ ଋତୁସ୍ରାବ ବିଷୟରେ ଜାଣିଥିଲି। ଅଧିବେଶନରେ ଯୋଗଦେବା ପରେ, ମୁଁ ଋତୁସ୍ରାବ ସ୍ୱଚ୍ଛତା ବଜାୟ ରଖିବା, ସାନିଟାରୀ ପ୍ୟାଡ୍ ସଠିକ୍ ଭାବରେ ବ୍ୟବହାର କରିବା ଏବଂ ଯେତେବେଳେ ଆବଶ୍ୟକ ହୁଏ ଡାକ୍ତରଙ୍କ ପରାମର୍ଶ ନେବାର ଗୁରୁତ୍ୱ ବିଷୟରେ ଜାଣିବାକୁ ପାଇଲି। ମୁଁ ଏବେ ମୋର ସ୍ୱାସ୍ଥ୍ୟର ଯତ୍ନ ନେବାରେ ଅଧିକ ଆତ୍ମବିଶ୍ୱାସ ଅନୁଭବ କରୁଛି। 'ଏହିପରି ହସ୍ତକ୍ଷେପର ଉପରେ ଗୁରୁତ୍ୱାରୋପ କରି, ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ରାହୁଲ ସାହୁ କହିଛନ୍ତି, 'ଋତୁସ୍ରାବ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ସୃଷ୍ଟି କରିବା ମହିଳା ଏବଂ କିଶୋରୀମାନଙ୍କୁ ସଶକ୍ତ କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ ମଧ୍ୟରୁ ଗୋଟିଏ। ଏହିପରି ପଦକ୍ଷେପ ସେମାନଙ୍କୁ ଋତୁସ୍ରାବ ସମ୍ବନ୍ଧୀୟ କଳଙ୍କକୁ ଦୂର କରିବାରେ ସାହାଯ୍ୟ କରୁଥିବାବେଳେ ଏ ସଂକ୍ରାନ୍ତୀୟ ନିଷ୍ପତ୍ତି ନେବାପାଇଁ ଜ୍ଞାନ ପ୍ରଦାନ କରିଥାଏ। ଏହି ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, 'ବେଦାନ୍ତ ଆଲୁମିନିୟମ କୋଇଲା ଖଣିରେ, ଆମେ ବିଶ୍ୱାସ କରୁ ଯେ ଜ୍ଞାନ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ସହିତ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ଆରମ୍ଭ ହୁଏ। 'ପ୍ରକଳ୍ପ ଆରୋଗ୍ୟମ୍ ' ଜରିଆରେ ଆମେ ସୁରକ୍ଷିତ ସ୍ଥାନମାନ ସୃଷ୍ଟି କରୁଛୁ, ଯେଉଁଠି ମହିଳା ଏବଂ କିଶୋରୀମାନେ ଋତୁସ୍ରାବ ସ୍ୱାସ୍ଥ୍ୟ ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରିପାରିବେ, ସୁଚିନ୍ତିତ ପସନ୍ଦ କରିପାରିବେ ଏବଂ ସ୍ୱାସ୍ଥ୍ୟକର ଜୀବନଯାପନ କରିପାରିବେ। ଆଜି ସଚେତନତା ବୃଦ୍ଧି କରି, ଆମେ ଆସନ୍ତାକାଲି ପାଇଁ ଅଧିକ ଶକ୍ତିଶାଳୀ ଏବଂ ଅଧିକ ନମନୀୟ ସମ୍ପ୍ରଦାୟ ଗଠନ କରୁଛୁ। ଗୋଷ୍ଠୀ ସ୍ତରୀୟ ଯୋଗଦାନ ବ୍ୟତୀତ, ପ୍ରକଳ୍ପ ଆରୋଗ୍ୟମ୍ ସ୍କୁଲ ପିଲାମାନଙ୍କ ସହିତ ଯୌବନ ଏବଂ ଋତୁସ୍ରାବ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ କାର୍ଯ୍ୟ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ, ଉତ୍ସର୍ଗୀକୃତ ସଚେତନତା ଅଧିବେଶନ ମାଧ୍ୟମରେ ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାର ୧୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ଏହି ପଦକ୍ଷେପ ପହଞ୍ଚିଥିଲା। ଯୁବ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଚେତନତା, ବୁଝାମଣା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ବୟସ-ଉପଯୁକ୍ତ ଏବଂ ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ସୂଚନା ପ୍ରଦାନ କରି ଉଭୟ ବାଳିକା ଏବଂ ବାଳକମାନଙ୍କୁ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ସୂଚନା ପୁସ୍ତକ ବଣ୍ଟନ କରାଯାଇଥିଲା। ଋତୁସ୍ରାବ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ପ୍ରକଳ୍ପ ଆରୋଗ୍ୟମ୍ ର ବ୍ୟାପକ ପ୍ରଭାବର ଏକ ଅଂଶ, ଯାହା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍, ବିଶେଷଜ୍ଞ ଚିକିତ୍ସା ଶିବିର ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ର ୫୦,୦୦୦ରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି।



# ୧୭ରେ ଜିଙ୍ଗରା ଲାଇଫଲାଇନ୍ ପକ୍ଷରୁ ନୂତନ ବିପ୍ଳବର ଶୁଭାରମ୍ଭ




**କଟକ, ୧୫।୭ (ନି.ପ୍ର) :** ଜିଙ୍ଗରା ପ୍ରାଇଭେଟ ଲିମିଟେଡ ପକ୍ଷରୁ ବୁଧୁବାର ଦିନ ଜୟଦେବ ଭବନଠାରେ ଆୟୋଜିତ ଓଡ଼ିଶାର ସର୍ବବୃହତ ଡିଜିଟାଲ ଇକୋ ସିଷ୍ଟମ୍ ଗଠନର ଦୂରଦୃଷ୍ଟି ଓ କାର୍ଯ୍ୟ ଯୋଜନା ଉନ୍ମୋଚିତ ହୋଇଯାଇଛି । ଜିଙ୍ଗରା ଏବଂ ଏହାର ପ୍ରମୁଖ ସାମାଜିକ ପଦକ୍ଷେପ ଜିଙ୍ଗରା ଲାଇଫଲାଇନର ଭବ୍ୟ ଶୁଭାରମ୍ଭ ଆସନ୍ତା ୧୭ (ଶୁକ୍ରବାର) ସନ୍ଧ୍ୟାରେ ଜୟଦେବ ଭବନ ଠାରେ ଅନୁଷ୍ଠିତ ହେବ। ଜିଙ୍ଗରା ହେଉଛି ଏକ ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମ, ଯାହା ସ୍ଥାନୀୟ ବ୍ୟବସାୟୀ, ଦୋକାନୀ, ସେବା ପ୍ରଦାନକାରୀ, ଉଦ୍ୟୋଗୀ, ପେଶାଜୀବୀ, ଛାତ୍ରଛାତ୍ରୀ ଏବଂ ସାଧାରଣ ଉପଭୋକ୍ତାଙ୍କୁ ଏକକ ପ୍ରଯୁକ୍ତି ଭିତିକ ମଂଚରେ ସଂଯୋଗ କରିବ। ଏହି ପ୍ଲାଟଫର୍ମର ଲକ୍ଷ୍ୟ ହେଉଛି ସ୍ଥାନୀୟ ବାଣିଜ୍ୟକୁ ସୁଦୃଢ଼ କରିବା, ନୂତନ ରୋଜଗାର ସୃଷ୍ଟି କରିବା, ଉଦ୍ୟୋଗିତାକୁ ପ୍ରୋତ୍ସାହନ ଦେବା, ଡିଜିଟାଲ ସମାବେଶକୁ ବଢ଼ାଇବା ଏବଂ ଓଡ଼ିଶା ତଥା ସମଗ୍ର ଭାରତରେ ସ୍ଥାୟୀ ସାମାଜିକ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା। ଏହାର ଉଦ୍ଦେଶ୍ୟ ହେଉଛି ଏକ ସଶକ୍ତ ସ୍ୱେଚ୍ଛାକୃତ ରକ୍ତଦାତା ନେଟୱାର୍କ ଗଠନ କରିବା, ଯାହା ମାଧ୍ୟମରେ ଜରୁରୀ ସମୟରେ ରୋଗୀମାନଙ୍କୁ ତୁରନ୍ତ ରକ୍ତ ଯୋଗାଇ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ। ଏହି ପଦକ୍ଷେପ ଏକ ସୁସ୍ଥ ସହଯୋଗୀ ଓ ମାନବିକ ସମାଜ ଗଠନ ଦିଗରେ ଏକ ମହତ୍ୱପୂର୍ଣ୍ଣ ପ୍ରୟାସ ବୋଲି ଆଜି (ବୁଧବାର) ଜୟଦେବ ଭବନ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବି ସାହୁ, ଦିନେଶ କୁମାର ଆଚାର୍ଯ୍ୟ, ବଦ୍ରୀ ନାରାୟଣ ସାମଲ, ସତ୍ୟଜିତ ସାହୁ, ଚିନ୍ମୟୀ ସାହୁ, ରନି ଏସ୍ ଦାସ, ଅଭିଜିତ ମିଶ୍ର, ଚୌଧୁରୀ ଆଶିଷ କୁମାର ଦାସ, ସୌମେନ୍ଦ୍ର ମହାନ୍ତି, ଦେବରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ।

# ଅତିଥି ଶିକ୍ଷକ ନିଯୁକ୍ତି ନେଇ ବିଳମ୍ବ ଓ ସ୍ଥାୟୀ ଶିକ୍ଷକ ନିଯୁକ୍ତି ନଥିବାରୁ ବିଦ୍ୟାଳୟରେ ପାଠପଢ଼ା ବ୍ୟାଘାତ : ସମନ୍ୱୟ ସମିତି

**ଭୁବନେଶ୍ୱର, ୧୫/୦୭ (ନି.ପ୍ର):** ରାଜ୍ୟରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ବହୁମାତ୍ରାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଅବସର ନେଇଯିବା ପରେ ଏବେ ବିଦ୍ୟାଳୟଗୁଡ଼ିକ ଅଳ୍ପ ସଂଖ୍ୟକ ଶିକ୍ଷକ ଅଧ୍ୟାପକ ବା କେତେକ ସ୍ଥାନରେ ଜଣେ ଦୁଇଜଣ ଶିକ୍ଷକ ଅଧ୍ୟାପକରେ ଶିକ୍ଷାଦାନ ଚାଲୁଅଛି । ଶିକ୍ଷାବର୍ଷ ଆରମ୍ଭରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅତିଥି ଶିକ୍ଷକ ନିଯୁକ୍ତି ଓ ସ୍ଥାୟୀ ଶିକ୍ଷକ ନିଯୁକ୍ତି ନଦେଇ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅଗଣିତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଛି ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରନ କୁମାର ଦାଶ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

ପ୍ରକାଶଥାଉକି, ରାଜ୍ୟରେ ୨୦୦୪ ମସିହା ଠାରୁ ବିଦ୍ୟାଳୟ ଓ ୨୦୦୮ ମସିହା ଠାରୁ ଅନୁଦାନ ପାଇ ଆସୁଥିବା ମହାବିଦ୍ୟାଳୟଗୁଡ଼ିକ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଶୂନ୍ୟ ହୋଇଗଲାଣି । ପ୍ରତିମାସରେ ଅନେକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି ଓ ମୃତ୍ୟୁବରଣ କରୁଛନ୍ତି । ଏହି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସରକାର ନୂତନ ନିଯୁକ୍ତି ଦେଉ ନଥିବାରୁ ଧୀରେ ଧୀରେ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କର ଘୋର ଅଭାବ ଦେଖାଦେଉଛି । ପ୍ରାୟ ୬୦୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସହିତ ଅନେକ ଅଧ୍ୟାପକ ଇତିମଧ୍ୟରେ ଅବସର ନେଲେଣି ଓ ତନ୍ମଧ୍ୟରୁ କେତେକ ମୃତ୍ୟୁବରଣ ମଧ୍ୟ କଲେଣି । ଏହି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ଜଣେ କିମ୍ବା ଦୁଇଜଣ ଶିକ୍ଷକରେ ଚାଲୁଅଛି, ଯାହାର ଭାଗ୍ୟ ଓ ଭବିଷ୍ୟତ ସରକାରଙ୍କ ହାତରେ । ସରକାର ତୁରନ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏସ୍.ଏସ୍.ବି. ମାଧ୍ୟମରେ ସ୍ଥାୟୀ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରି ଶିକ୍ଷକ ଓ ଅଧ୍ୟାପକ ଅଭାବରୁ ଭାଙ୍ଗିବାକୁ ବସିଥିବା ଏହି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ରକ୍ଷା କରାନ୍ତୁ । ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିବା ନିମନ୍ତେ ସରକାର ତତ୍ପରତା ପ୍ରକାଶ କରୁଛନ୍ତି ମାତ୍ର ଏଥିରେ ଶିକ୍ଷକ ଅଧ୍ୟାପକ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ ରହିଛି ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ଅନ୍ୟ ପକ୍ଷରେ ସରକାର ଯେଉଁ ଅତିଥି ଶିକ୍ଷକ ଓ ଅଧ୍ୟାପକମାନଙ୍କୁ ନେଇ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପାଠପଢ଼ା କାମ ଚଳାଉଛନ୍ତି ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ମଧ୍ୟ ଅହେତୁକ ବିଳମ୍ବ ଘଟିଛି । ଫଳରେ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଶହ ଶହ ଛାତ୍ରଛାତ୍ରୀ ପାଠ ପଢୁଥିଲାବେଳେ ଜଣେ କିମ୍ବା ଦୁଇଜଣ ଶିକ୍ଷକରେ କିପରି ପାଠପଢ଼ା ଚାଲିବ ତାହାକୁ ନେଇ ଅଭିଭାବକ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ତଥା ସାଧାରଣଜନତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରୀ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି କରିବା ପାଇଁ ସରକାରଙ୍କ ତରଫରୁ ତତ୍ପରତା ପ୍ରକାଶ ପାଉଥିଲା ବେଳେ ଏହି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ଅଧ୍ୟାପକ ନିଯୁକ୍ତି ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସମନ୍ୱୟ ସମିତି ପକ୍ଷରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରଙ୍କ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନପାରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅବସର ନେବାପରେ ପିଲାମାନଙ୍କର କ୍ରୀଡ଼ା, ବ୍ୟାୟାମ ଆଦି ଶିକ୍ଷଣରେ ବାଧା ଉପୁଜୁଛି । ସବୁ ପିଲାଙ୍କ ପାଇଁ ସମାନ ସୁବିଧା ଯୋଗାଇ ଦେବା ସରକାରଙ୍କର କର୍ତ୍ତବ୍ୟ ଅଟେ । ମାତ୍ର ଏହି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଏହାର ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି । ତେଣୁ ଅବସର ପରେ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ କ୍ରୀଡ଼ା ଶିକ୍ଷକମାନଙ୍କୁ ମଧ୍ୟ ଅତିଥି ଶିକ୍ଷକ ଭାବେ ନିଯୁକ୍ତିର ବ୍ୟବସ୍ଥା କରାଯିବା ଏବଂ ଏହି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ା କିପରି ସୁରୁଖୁରୁରେ ଚାଲିବ ସେଥିନିମନ୍ତେ ସମନ୍ୱୟ ସମିତି ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

ରାଜ୍ୟରେ ନୂତନ ଭାବରେ ଦାୟିତ୍ୱ ନେଇଥିବା ଜନପ୍ରିୟ ସରକାର ତାଙ୍କର ଦୁଇବର୍ଷ ପୂର୍ତ୍ତି ପାଳନ କରିଥିଲେ ମଧ୍ୟ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ବ୍ୟବସ୍ଥାରେ ସେପରି କିଛି ନୂତନତ୍ୱ ପରିଲକ୍ଷିତ ହୋଇନାହିଁ । ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ପ୍ରଦାନ କରିବା ପର୍ଯ୍ୟନ୍ତ ସରକାର ଅତିଥି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଯଥାଶୀଘ୍ର ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶନାମା ପ୍ରକାଶ କଲେ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ଏବଂ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ା ସଠିକ୍ ଭାବରେ ଚାଲିବ ବୋଲି ସମନ୍ୱୟ ସମିତିର ଆବାହକ ରନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି ।

# ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଙ୍ଘର ବରିଷ୍ଠ ନେତ୍ରୀଙ୍କ ଅକାଳ ବିୟୋଗ

**କେନ୍ଦ୍ରାପଡ଼ା, ୧୫।୭ (ନି.ପ୍ର):** କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ବରିଷ୍ଠ ନେତ୍ରୀ ବନ୍ଦନା ଚୌଧୁରୀଙ୍କ ଅକାଳ ବିୟୋଗ ହୋଇଯାଇଛି। ଏସମ୍ପର୍କରେ ଖବର ପାଇ ମହାସଂଘର କର୍ମକର୍ତ୍ତାମାନେ ସ୍ୱର୍ଗତଃ ଚୌଧୁରୀଙ୍କ ମାଧପୁରସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମହାସଂଘ ପକ୍ଷରୁ ସଭାପତି ଶରତ କୁମାର ବେହୁରାଙ୍କ ନେତୃତ୍ୱରେ ରଶ୍ମିରଞ୍ଜନ ରାଉତ, ଚନ୍ଦନ ପରିଡ଼ା, ଗୋଲେଖ ଚନ୍ଦ୍ର ପଢିଆରୀ, ଡ. ଚୈତନ୍ୟ ଚରଣ ପରିଡ଼ା, ସୁଶିଲ କୁମାର ସାମଲ, ସୁମନ୍ତ କୁମାର ରାଉତ, ସୁକାନ୍ତ ରାଉତ, ଧନେଶ୍ୱର ରାଉତ, ବୀରେନ ରାୟ, ସୁଧାଂଶୁ ବେହୁରା, ରଞ୍ଜନ କୁମାର ନାୟକ, ସଂଗ୍ରାମ ଜେନା, ସିଦ୍ଧାର୍ଥ ଜେନା, ପୀତବାସ ବେହେରା, ମାନସ ରାଉତରାୟ, ଚିତ୍ତରଞ୍ଜନ ବଳ, ରାଜକିଶୋର ମହାନ୍ତି, ଗୋଲେଖ ଚନ୍ଦ୍ର ପରିଡ଼ା, କେଦାରନାଥ ସାମନ୍ତରାୟ, ଭାଗିରଥୀ ଜେନା, ଉମାକାନ୍ତ ବଳ, ହୃଷିକେଶ ବେହେରା, ନରୋତ୍ତମ ପରିଡା, ତମସା ପାତ୍ର, ମଞ୍ଜୁଲତା ସାମଲ, ଅମୂଲ୍ୟ ସାହାଣୀ, ରାଜକିଶୋର ରାଉତରାୟ ପ୍ରମୁଖ ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଦେବା ସହିତ ତାଙ୍କ ଅମରଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

# ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରୀ ଘଟଣାରେ ସାମ୍ବାଦିକ ସମ୍ମିଳନୀ



**କଟକ, ୧୫।୭ (ନି.ପ୍ର):** ଅଯୋଧ୍ୟା ରାମ ମନ୍ଦିରକୁ ଆସୁଥିବା ବିପୁଳ ଦାନରାଶିର ଚୋରୀ ଆସ୍ଥା ନାମରେ ରାଜନୀତି ଓ ଭେଟି ନାମରେ ଲୁଟ୍ ବୋଲି କଂଗ୍ରେସ ଅଭିହିତ କରିଛି ।ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କଟକ ନଗର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ସ୍ଥାନୀୟ ଗାନ୍ଧୀ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା ।କାର୍ଯ୍ୟକ୍ରମରେ ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କ ଦାୟିତ୍ୱହୀନତା,ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ପ୍ରଶ୍ନ କରାଯାଇଛି ।ନ୍ୟାୟ ଓ ନୈତିକ ଆଚରଣର ପ୍ରତୀକ ମର୍ଯ୍ୟାଦା ପୁରୁଷୋତ୍ତମ ରାମ,କୋଟି କୋଟି ଭାରତୀୟଙ୍କ ଆସ୍ଥା,ସଂସ୍କୃତି ଏବଂ ନୈତିକ ଚେତନାର ପ୍ରତିନିଧିତ୍ୱ କରନ୍ତି ।ପ୍ରାୟ ତିନି ଦଶନ୍ଧୀ ଧରି ବିଜେପି,ଆର ଏସ ଏସ,ବିଶ୍ୱହିନ୍ଦୁ ପରିଷଦ ଏବଂ ଅନ୍ୟାନ୍ୟ ସଂଘ ପରିବାର ସଂଗଠନ ଗୁଡ଼ିକ ଭଗବାନ ରାମଙ୍କ ନାମରେ ଚାନ୍ଦା ସଂଗ୍ରହ କରିଥିଲେ ।ଏହି ଆନ୍ଦୋଳନ ଉପରେ ସେମାନଙ୍କର ରାଜନୈତିକ ଭାଗ୍ୟ ଗଢ଼ିଥିଲେ ।ଆଜି ଭଗବାନ ରାମଙ୍କ ନାମରେ ଦିଆଯାଇଥିବା ଦାନ ଏବଂ ଭେଟିକୁ କିଏ କିପରି ଓ କାହା ସୁରକ୍ଷା ବଳୟ ଭିତରେ ଲୁଟ୍ କଲା ତାହାହିଁ ବଡ଼ ପ୍ରଶ୍ନ ।ଏହା କେବଳ ଏକ ଆର୍ଥିକ ଦୁର୍ନୀତି ନୁହେଁ ।ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା,ବିଶ୍ୱାସ ଓ ଭାବନା ପ୍ରତି ଏକ ଗୁରୁତର ବିଶ୍ୱାସ ଘାତକତା ।ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରଷ୍ଟ ଗଠନ,ଶୀର୍ଷ ନିଯୁକ୍ତି ପ୍ରକ୍ରିୟା ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସକ୍ରିୟ ଭୂମିକା ଗ୍ରହଣ କରିଥିବାରୁ କେନ୍ଦ୍ରସରକାର ନିଜକୁ ଏହି ଦାୟିତ୍ୱରୁ ଅଲଗା କରି ପାରିବେନି ବୋଲି କଂଗ୍ରେସ ଅଭିଯୋଗ କରିଛି ।ଘଟଣା ଉପରେ ପ୍ରଧାନମନ୍ତ୍ରୀଙ୍କ ନୀରବତା, ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ,ଟ୍ରଷ୍ଟି ଅନିଲ ମିଶ୍ର, ଇସ୍ତଫା, ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଗୋପାଳ ରାଓଙ୍କୁ ପଦରୁ ହଟାଇବା କେବଳ ଧର୍ମକୁ ଆଖି ଠାର ସଦୃଶ ବୋଲି ମତବ୍ୟକ୍ତ କରିବା ସହ ନେତୃମଣ୍ଡଳୀ ଦୁର୍ନୀତିରେ ସଂପୃକ୍ତ ଥିବା ସମସ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ଏଫ୍ ଆଇ ଆର କରାଯାଇ ସେମାନଙ୍କୁ ଗିରଫ କରିବା,ମାନ୍ୟବର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନ ନ୍ୟାୟିକ ତଦନ୍ତ କରାଯିବା,ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ତୁରନ୍ତ ଭଙ୍ଗାଯାଇ ଧାର୍ମିକ ନେତା ଓ ଗୁରୁ, ବିଶିଷ୍ଟ ନାଗରିକ, ପ୍ରଶାସନିକ ବିଶେଷଜ୍ଞ ଏବଂ ସ୍ୱାଧୀନ ସଦସ୍ୟ ମାନଙ୍କୁ ଏଥିରେ ସାମିଲ କରାଯିବା,ଦାନ ଓ ଭେଟିର ସଂପୂର୍ଣ୍ଣ ଫ୍ଲୋରେନ୍ସିକ ଅଡିଟ୍ କରି ରିପୋର୍ଟ ସାର୍ବଜନୀନ କରାଯିବା,ସର୍ବୋପରି ଦେଶର ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଦେଶବାସୀଙ୍କୁ ଜବାବ ଦିଅନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି।

କଟକ ନଗର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଶାନ୍ତାୟନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରେସ ବାର୍ତ୍ତା କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ,ଦିଲ୍ଲୀପ ମହାନ୍ତି, ନଗର ଯୁବ କଂଗ୍ରେସ ର ସଭାପତି ବିପ୍ଳବ ଶିଳାଦିତ୍ୟ,ପୂର୍ବତନ ମୁଖପାତ୍ର ମାନସ ପରିଡ଼ା,କଂଗ୍ରେସ ନେତା ବିଶ୍ୱନାଥ ଶତପଥୀ,ହିମାଂଶୁ ରାଉତ୍, ନିର୍ମଳ ସ୍ୱାଇଁ, ଅଶୋକ ନାୟକ ପ୍ରମୁଖ ଉଦବୋଧନ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଜଗନ୍ନାଥ ସାହୁ,ଜ୍ଞାନେଶୁ ନାୟକ, ଜଗନ୍ନାଥ ପଟ୍ଟନାୟକ,ଜୟ ନାରାୟଣ ତ୍ରିପାଠୀ ଓ ଲକ୍ଷ୍ମୀଧର ଶରଣ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ୍ରାଣୀପାଟଣା ଗ୍ରାମବାସୀଙ୍କ ପକ୍ଷରୁ ଡଃ ପ୍ରଭାତଙ୍କୁ ସମ୍ବର୍ଦ୍ଧନା



**କଟକ, ୧୫।୭ (ନି.ପ୍ର) :** ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ତାଙ୍କ ସମର୍ଥକମାନେ ଭାରତୀୟ ଜନତା ପାର୍ଟିରେ ଯୋଗଦେବା ପରେ ଅଂଚଳରେ ଏକ ନୂତନ ଉତ୍ସାହ ଦେଖାଦେଇଛି । ଗତ ୧୨ ତାରିଖରେ ମିଶ୍ରଣ ପରଠାରୁ ଚୌଦ୍ୱାର-କଟକର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟ, ଦଳୀୟ କର୍ମୀ ଏବଂ ସାଧାରଣଜନତା ମାନେ ଆସି ତାଙ୍କର ପ୍ରିୟ ନେତା ଡଃ ପ୍ରଭାତଙ୍କୁ ସମ୍ବର୍ଦ୍ଧନା କରୁଛନ୍ତି ।

ଏହି ଅବସରରେ ବୁଧୁବାର ଦିନ ଓଏମପି ଡାକ ବଙ୍ଗଳା ଠାରେ ଇନ୍ଦ୍ରାଣୀପାଟଣା ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବତନ ବିଧାୟକ ଡଃ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଜେପିରେ ଯୋଗଦେବା ପରେ ଗ୍ରାମବାସୀ ମାନେ ନିଜର ଖୁସି ଜାହିର କରିବା ସହ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଉକ୍ତ ସମ୍ବର୍ଦ୍ଧନା ସଭାରେ ଇନ୍ଦ୍ରାଣୀପାଟଣା ଗ୍ରାମ ପଂଚାୟତର ସରପଂଚ ନମିତା ମଲ୍ଲିକ, ପୂର୍ବତନ ସରପଂଚ ସରୋଜ ପ୍ରଧାନ ଏବଂ ସମିତିସଭ୍ୟ ମୋହନ ସାହୁ, ବରିଷ୍ଠ ନେତୃତଧାରୀ ବିନୟ ମଲ୍ଲିକ, ବାଦଲ ଗୋଚ୍ଛାୟତ, କାଳନ୍ଦୀ ଗୋଚ୍ଛାୟତ, ଦାମୋଦର ଦାସ, ଅଭିମନ୍ୟୁ ପାତ୍ର, ପ୍ରଶାନ୍ତ ରାଉତ, ଶଶିଭୂଷଣ ଜେନା, ଲକ୍ଷ୍ମୀଧର ବାରିକ, କୈଳାସ ରାଉତ, କୃଷ୍ଣଚନ୍ଦ୍ର ସାଇଁ, ପ୍ରକାଶ ପାତ୍ର, ପ୍ରହ୍ଲାଦ ବେଉରା, ଅଂଚଳ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ବିମଳ ମହାପାତ୍ର, କ୍ଷିରୋଦ ଚନ୍ଦ୍ର ମହାପାତ୍ର, ସୁନିଲ ଶୁକ୍ଳ ଓ ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇ ଡଃ ବିଶ୍ୱାଳଙ୍କ ଏହି ରାଜନୈତିକ ପଦକ୍ଷେପ ଆଗାମୀ ଦିନରେ ଅଂଚଳର ବିକାଶ ପ୍ରକ୍ରିୟାକୁ ଆହୁରି ଦୃଢ଼ କରିବ ବୋଲି ଉପସ୍ଥିତ କର୍ମୀ ଓ ଗ୍ରାମବାସୀ ମାନେ ଆଶାପ୍ରକଟ କରିଛନ୍ତି।

# ବ୍ରହ୍ମପୁର ମହାନଗର ନିଗମର ସ୍ୱତନ୍ତ୍ର କାଉନସିଲ୍ ବୈଠକ



**ବ୍ରହ୍ମପୁର, ୧୫।୭(ନି.ପ୍ର):** ମହାନଗର ନିଗମର ନୂତନ ସମ୍ମିଳନୀ କକ୍ଷରେ ଆଜି ମାନନୀୟ ମେୟର ଶ୍ରୀମତୀ ସଂଘମିତ୍ରା ଦଳାଇଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ଶ୍ରୀମତୀ ଦଳାଇ ପ୍ରମୁଖ ୪ଟି ବିଷୟ ଉପରେ ଗୁରୁତ୍ୱାରୋପ କରି ଏହି ବୈଠକକୁ ଆରମ୍ଭ କରିଥିବା ସହ ଉକ୍ତ ପ୍ରସଙ୍ଗ ଗୁଡ଼ିକ ଉପରେ କାଉନସିଲ୍ ବା କର୍ପୋରେଟର ମାନଙ୍କ ମତାମତ ଲୋଡ଼ି ଥିଲେ । ସେଥି ମଧ୍ୟରୁ ପ୍ରଥମଟି ଅର୍ଥାତ୍ ମହାନଗର ନିଗମର ଅଧିନସ୍ଥ ସ୍ଥାନ ଯାହା ଗାୟତ୍ରୀ ହୋଟେଲ ନାମକ ଏକ ସଂସ୍ଥାକୁ ଲିଜ୍ ଦିଆଯାଇଥିଲା, ତାହାରି ସମୟ ଅବଧି ସମସ୍ତ ହୋଇ ସାରିଥିବା ଦେଖି ତାହାକୁ ପୁଣି ନିଗମ ଅଧିନକୁ ଆସିଥିବା ବେଳେ ତାହାକୁ ପୁଣି କେଉଁ କାର୍ଯ୍ୟରେ ନିୟୋଜିତ କରାଯିବ ସେନେଇ ଆଲୋଚନା ହୋଇଥିଲା। ସେହିପରି ନିଗମ ଦ୍ୱାରା ନିର୍ମିତ ଏକ ସପିଙ୍ଗ ମଲ୍ ଭିତରେ କେଉଁ କେଉଁ ବ୍ୟବସାୟ ସ୍ଥାନ ପାଇବ ଆବଶ୍ୟକ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ତୃତୀୟରେ ମେୟର, ଡେପୁଟି ମେୟର ଏବଂ କର୍ପୋରେଟର ମାନଙ୍କ ପଦବୀ ଅନୁସାରେ ଦରମା ବାବଦ ପ୍ରସଙ୍ଗରେ ଆଲୋଚନା ହୋଇଥିବା ସହ ଆସନ୍ତା ମାସରେ ପାଳିତ ହେବାକୁ ଥିବା ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନର ଅଂଶବିଶେଷ ଓ ସୁପରିଚାଳନା ତଥା ଅନ୍ୟାନ୍ୟ ପ୍ରସଙ୍ଗ ଗୁଡ଼ିକ ଉପରେ ବହୁ ବିଧି ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ କର୍ପୋରେଟର ମାନେ ଏହି ପ୍ରସଙ୍ଗ ଗୁଡ଼ିକ ଉପରେ ନିଜ ନିଜ ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିବା ସହ ସେଗୁଡ଼ିକ କେତେ ଲାଭଦାୟକ ଓ ପ୍ରଶଂସା ପୂର୍ଣ୍ଣ ତଥା ଜନ ସାଧାରଣଙ୍କ ସ୍ୱାର୍ଥରେ ରହିବ ସେନେଇ ଆଲୋଚନା ହୋଇଥିବା ମାନନୀୟ ମେୟର ଶ୍ରୀମତୀ ଦଳାଇ ସୂଚନା ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ନିଗମ ବହୁ କର୍ପୋରେଟର ମାନଙ୍କ ସମେତ ନିଗମର ଦ୍ୱୟ ଡେପୁଟି କମିଶନର, ଦ୍ୱୟ ସହକାରୀ କମିସନର, ମୁଖ୍ୟ ଯନ୍ତ୍ରୀ, ସିଟି ଇଞ୍ଜିନିୟର ଏବଂ ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଚୋରା ମଦ ଜବତ,୫ ଗିରଫ

**କେନ୍ଦ୍ରାପଡ଼ା, ୧୫।୭:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ, ନିକିରାଇ, ତନ୍ତିଆପାଳ ସାମୁଦ୍ରିକ ଓ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବଳଗଣ୍ଡି ଗ୍ରାମର କଳ୍ପନା ସାହୁ(୪୧)ଙ୍କ ଠାରୁ ୧୦ ଲିଟର ଚୋରା ଦେଶୀ ରନ୍ଧାମଦ, ପଳସିଂହା ଗ୍ରାମର ସଞ୍ଜୟ ବାରିକ(୪୬)ଙ୍କ ଠାରୁ ୪୧ ଲିଟର ଚୋରା ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ସେହିପରି ଜଗତଜୋର ଗ୍ରାମର ସୁଶାନ୍ତ ଅବାକ(୪୩)ଙ୍କ ନିକଟରୁ ୩୬ ଲିଟର ଚୋରା ବିଦେଶୀ ମଦ ଓ ଜ୍ୟୋତ୍ସ୍ନା ପଲ( ୩୬)ଙ୍କ ଠାରୁ ୩୧ ଲିଟର ଚୋରା ବିଦେଶୀ ମଦ, ଶ୍ୟାମସୁନ୍ଦରପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକ( ୪୧)ଙ୍କ ଠାରୁ ୩୧ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୪୯ ଲିଟର ଚୋରା ଦେଶୀ ରନ୍ଧା ମଦ ଓ ଚୋରା ବିଦେଶୀ ମଦ ଜବତ କରାଯାଇ ୫ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁସାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀ ମାନେ ସାମିଲ ହୋଇଥିଲେ।



## ବିଶ୍ୱ ଯୁବ ଦକ୍ଷତା ଦିବସରେ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ

# କିଶୋରୀ ଓ ଯୁବପିଢ଼ିଙ୍କ ସଶକ୍ତିକରଣ ପାଇଁ ଓଜେପିଟିର ଅଭିନବ ପ୍ରୟାସ

**କଟକ ସଦର, ୧୫/୦୭ (ନି.ପ୍ର):** ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ (ଓଜେପିଟି) ପକ୍ଷରୁ କଟକ ସଦର ଅନ୍ତର୍ଗତ ନରଣପୁର ଠାରେ ଦକ୍ଷତା ବିକାଶ କେନ୍ଦ୍ର'ର ଶୁଭ ଉଦ୍ ?ଘାଟନ ହୋଇଯାଇଛି। ଗ୍ରାମୀଣ ଯୁବପିଢ଼ି ଓ କିଶୋରୀମାନଙ୍କୁ ଦକ୍ଷତା ବିକାଶ ସହ ସ୍ୱାବଲମ୍ବୀ କରିବା ଏବଂ ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକ ପ୍ରଯୁକ୍ତି ସହ ଯୋଡ଼ିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ କଟକ ଜିଲ୍ଲାର ମାନପୁର ଗ୍ରାମର ଯୁବ କାଠଶିଳ୍ପୀ ଶ୍ରୀ ରାଜେଶ ସାହୁଙ୍କୁ ଉନ୍ନତମାନର ଆଧୁନିକ କାଠଶିଳ୍ପ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା। ଓଜେପିଟିର ପରିଚାଳନା ନିର୍ଦ୍ଦେଶିକା ସୌମ୍ୟରାଣୀ ମହାପାତ୍ର ନିଜେ ଉପସ୍ଥିତ ରହି ତାଙ୍କୁ 'ମାଷ୍ଟର କ୍ରାଫ୍ଟସମ୍ୟାନ' ଭାବେ ଦାୟିତ୍ୱ ପ୍ରଦାନ କରିବା ସହ ସମସ୍ତ ଯନ୍ତ୍ରପାତି ହସ୍ତାନ୍ତର କରିଥିଲେ। ପ୍ରକଳ୍ପ ଅନୁଯାୟୀ ଶ୍ରୀ ସାହୁଙ୍କ ଦ୍ୱାରା ପ୍ରସ୍ତୁତ କାଠ ପ୍ଲେଟ ୨୦ ଜଣ ଆର୍ଥିକ ଅନଗ୍ରସର କିଶୋରୀଙ୍କୁ ଯୋଗାଇ ଦିଆଯିବ। ସେମାନଙ୍କୁ ପାରମ୍ପରିକ କଳାକୃତି ଓ ଚିତ୍ରାଙ୍କନର ପ୍ରଶିକ୍ଷଣ ଦେଇ ଦକ୍ଷ କାରିଗର ଭାବେ ଗଢ଼ି ତୋଳାଯିବ।ଏହା ମାଧ୍ୟମରେ କିଶୋରୀମାନେ ଆଜୀବନ ଉପଯୋଗୀ ଏକ ଦକ୍ଷତା ଅର୍ଜନ କରି ଭବିଷ୍ୟତରେ ସ୍ୱାବଲମ୍ବୀ ହୋଇପାରିବେ। ଓଜେପିଟି ପକ୍ଷରୁ ପ୍ରକଳ୍ପ ପାଇଁ ଆବଶ୍ୟକ ସମସ୍ତ କଞ୍ଚାମାଲ ମାଗଣାରେ ଯୋଗାଇ ଦିଆଯିବା ସହ 'ବାଏ-ବ୍ୟାକ' ବ୍ୟବସ୍ଥା ମଧ୍ୟ କରାଯାଇଛି। କାରିଗରମାନଙ୍କ ପ୍ରସ୍ତୁତ ସାମଗ୍ରୀକୁ ଟ୍ରଷ୍ଟ ସିଧାସଳଖ କ୍ରୟ କରି ବଜାରଜାତକରଣର ସମ୍ପୂର୍ଣ୍ଣ ଦାୟିତ୍ୱ ନେବ।ଏହା ଦ୍ୱାରା ଗ୍ରାମୀଣ ପରିବାରମାନଙ୍କ ଆୟ ବୃଦ୍ଧି ସହ ନିୟମିତ ରୋଜଗାରର ସୁଯୋଗ ସୃଷ୍ଟି ହେବ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଜେପିଟିର ଏନଜିଓ କୋଅର୍ଡିନେଟର ସୁଧାଂଶୁ ଶେଖର କହିଥିଲେ ଯେ,ଏହି ପ୍ରକଳ୍ପ ମାନପୁରର ପ୍ରାୟ ୨୦ଟି ପରିବାରର ଆର୍ଥିକ ବିକାଶ ଓ ସମ୍ମାନଜନକ ଜୀବିକା ନିର୍ବାହରେ ସହାୟକ ହେବ।ସେ କହିଥିଲେ, କିଶୋରୀମାନଙ୍କୁ ଚୟନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ଏଭଳି ଏକ ଦକ୍ଷତା ଦେବା, ଯାହା ସାରା ଜୀବନ ସେମାନଙ୍କ ପାଇଁ ରୋଜଗାରର ମାଧ୍ୟମ ହୋଇ ରହିବ। ବିଶ୍ୱ ଯୁବ ଦକ୍ଷତା ଦିବସରେ ଆରମ୍ଭ ହୋଇଥିବା ଏହି ଦକ୍ଷତା ବିକାଶ କେନ୍ଦ୍ର ଗ୍ରାମୀଣ ଓଡ଼ିଶାରେ ଆତ୍ମନିର୍ଭରଶୀଳତା, ମହିଳା ସଶକ୍ତିକରଣ ଓ ସ୍ଥାୟୀ ଆର୍ଥିକ ବିକାଶ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଥିଲା।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୃକ୍ଷରୋପଣ



**କୁଚିଣ୍ଡା, ୧୫।୦୭(ନି.ପ୍ର.):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବରିଷ୍ଠ ନାଗରୀକ ସଂଘ କାର୍ଯ୍ୟାଳୟ ରେ ଧୀରେନ୍ଦ୍ର ମହାନ୍ତି ଙ୍କ ସଭାପତ୍ୱ ରେ ଏକ ସାଧାରଣ ବୈଠକ ହୋଇଯାଇଛି ।ପ୍ରଥମେ ସଂଘ କାର୍ଯ୍ୟାଳୟ ପରିସରରେ ସମସ୍ତ ସଦସ୍ୟ ବିଭିନ୍ନ ପ୍ରକାର ଚାରା, ଯଥା, ଡାଳିମ୍ବ, ଅଁଳା, ପିଜୁଳି, ଆମ୍ବରୁଡଭଣ୍ଡା ଇତ୍ୟାଦି ଚାରା ରୋପଣ କରିଥିଲେ ।ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା, ସଭା ରେ ବରିଷ୍ଠ ଙ୍କ ବର୍ତମାନ ଦୟନୀୟ ସ୍ଥିତି ଆଲୋଚନା ଚକ୍ର ରେ ଅଂଶ ଗ୍ରହଣ କରି ବରିଷ୍ଠ ସଦସ୍ୟ ଶାନ୍ତନୁ ସାହୁ, ଜୟପ୍ରକାଶ ଗୁପ୍ତା, କିଶୋରେ ପ୍ରଧାନ, ପ୍ରଫୁଲ୍ଲ ସାହୁ, ତୁଳାରାମ ସାହୁ ଭିନ୍ନ ଭିନ୍ନ ମତ ରଖିଥିଲେ। ଶେଷରେ ସଂଘ ର ସଭାପତି ବରିଷ୍ଠ ମାନଙ୍କର ସ୍ୱସ୍ଥ୍ୟ, ଆର୍ଥିକ ପରିସ୍ଥିତି, ଏବଂ ପାରିବାରିକ ସମସ୍ୟା ଉପରେ ଆଲୋକପାତ କରିଥିଲେ ।ସାଧାରଣ ସମ୍ପାଦକ ଜୋନ କାମିଲ ଲାକ୍ରା ପୂର୍ବ ବୈଠକ ର ବିବରଣୀ ପାଠ କରିଥିଲେ ।ଓଡିଶା ସରକାର ଙ୍କ ର ନିୟମ ଅନୁଯାଇ ସଂଘ ର ରେଜିଷ୍ଟ୍ରସନ ବିଷୟରେ ଆଲୋଚନା ହୋଇଥିଲା ।ସଂଘ ର ଦୁଇଜଣ ବରିଷ୍ଠ ସଦସ୍ୟ ସ୍ୱର୍ଗତ ଗଗନ ବିହାରୀ ଶର୍ମା ଓ ଲଳିତ ମୋହନ ପଟେଲ ଙ୍କ ସହଧର୍ମିଣୀ ଙ୍କୁ ଆଗାମୀ ସଂଘ ର ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧନା କରିବା ପାଇ ଉପସ୍ଥିତ ଥିବା ସମସ୍ତ ସଦସ୍ୟ ସହମତି ପ୍ରକାଶ କରିଥିଲେ ।ଶେଷରେ ସମ୍ପାଦକ ତୁଳାରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରଥଯାତ୍ରା ପାଇଁ ଟ୍ରାଫିକ୍ ବ୍ୟବସ୍ଥା

ପୁରୀ, ୧୫।୭(ନି.ପ୍ର.): ଚଳିତବର୍ଷ ରଥଯାତ୍ରା ସମୟରେ ଯାନବାହନ ଚଳାଚଳ ପାଇଁ ଶୃଙ୍ଖଳିତ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ପୁରୀକୁ ସଂଯୋଗ କରୁଥିବା ତିନିଟି ପ୍ରବେଶ ପଥ ଦେଇ ଆସୁଥିବା ଯାନବାହନଗୁଡ଼ିକ କେଉଁ ରାସ୍ତା ଦେଇ ଆସିବେ। କେଉଁଠାରେ ଗାଡ଼ି ପାର୍କିଂ କରିବେ। କେଉଁ ରାସ୍ତା ଦେଇ ପୁଣି ଫେରିବେ। ଏହି ସମସ୍ତ ବ୍ୟବସ୍ଥା ପାଇଁ ପୁଲିସ ପକ୍ଷରୁ ଶୃଙ୍ଖଳିତ ଯୋଜନା କରାଯାଇଛି।



## ଦୁଇଚକିଆ ଯାନ

ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ମଙ୍ଗଳାଘାଟ ଛକଠାରୁ ମଶାଣୀଚଣ୍ଡି ଛକ, ଦେବୀଘାଟ ଛକ ଦେଇ ଜଗନ୍ନାଥବଲ୍ଲଭ ପାର୍କିଂଠାରେ ରଖିବେ। ଜଗନ୍ନାଥବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇ ଚକିଆ ଯାନ ମଶାଣିଚଣ୍ଡୀ ଛକଠାରୁ ମାଟିତୋଟା ଖେଳ ପଡ଼ିଆଠାରେ ରଖିବେ। ମାଟିତୋଟା ଖେଳପଡ଼ିଆ ପୂର୍ଣ୍ଣ ହୋଇଯିବା ପରେ ଦୁଇ ଚକିଆ ଯାନଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ୍ ପଡ଼ିଆଠାରେ ରଖିବେ। ଜଗନ୍ନାଥବଲ୍ଲଭଠାରେ ରଖିଥିବା ଯାନଗୁଡ଼ିକ ନରେନ୍ଦ୍ରକୋଣ, ମଙ୍ଗଳାଘାଟ ଛକ ଦେଇ ବ୍ରହ୍ମଗିରି ପାଇଁ ଫେରିପାରିବେ। ଭୁବନେଶ୍ୱର ପଟୁ ଆସୁଥିବା ଦୁଇଚକିଆ ଯାନଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ମଶାଣିଚଣ୍ଡୀ ଛକ, ଦେବୀଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭଠାରେ ନିଜ ନିଜର ଯାନଗୁଡ଼ିକୁ ରଖିବେ। ଜଗନ୍ନାଥ ବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡ଼ିକ ମଶାଣିଚଣ୍ଡୀ ଛକଠାରୁ ମାଟିତୋଟା ଖେଳପଡ଼ିଆ ଠାରେ ରଖିବେ। ମାଟିତୋଟା ଖେଳ ପଡ଼ିଆ ପୂର୍ଣ୍ଣ ହୋଇଯିବା ପରେ ଦୁଇ ଚକିଆ ଯାନଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ୍, ପଡ଼ିଆଠାରେ ରଖିବେ। ଜଗନ୍ନାଥବଲ୍ଲଭଠାରେ ରଖିଥିବା ଯାନଗୁଡ଼ିକ ନରେନ୍ଦ୍ରକୋଣ, ଜଟିଆବାବାଜୀ ଛକ, କୁମ୍ଭାରପଡ଼ା ଥାନା, ଅଠରନଳା ଓ ବାଟଗାଁ ଛକ ଦେଇ ଭୁବନେଶ୍ୱରକୁ ଫେରିପାରିବେ। ସେହିପରି କୋଣାର୍କ ପଟୁ ଆସୁଥିବା ସମସ୍ତ ଦୁଇ ଚକିଆ ଯାନ ବାଇଦାସ ନଗର ଛକ, ଗ୍ରିଡ୍ ଷ୍ଟେସନ ଛକ, ପେଣ୍ଠକଟା ଛକ, ସୁବାସ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ ବେଳାଭୂମି ଓ ନୀଳାଚଳ ଅଶୋକ ଠାରେ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।

## ହାଲୁକା ଯାନ

ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ଗିରଳ ଛକ-ମଙ୍ଗଳାଘାଟ ବ୍ରିଜ୍ ଦେଇ ସମଙ୍ଗ ପାର୍କିଂରେ ରହିବେ। ଫେରିବା ସମୟରେ ମଙ୍ଗଳାଘାଟ ବ୍ରିଜ୍ ଓ ଗିରଳ ଛକ ଦେଇ ବ୍ରହ୍ମଗିରିକୁ ଫେରିବେ। ସେହିପରି ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ମାଳତୀପାଟପୁର ବ୍ରିଜ୍, ବାଇଦାସ ନଗର ଛକ, ଗ୍ରିଡ୍‌ଷ୍ଟେସନ ଛକ ଦେଇ ତାଳବଣିଆ ପଟେ ରହଣିସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ଭୂଦାନ ପାର୍କିଂ, ଓଏଲ୍ଏ ଗେଷ୍ଟ ହାଉସ୍, ବିଧାନସଭା ଅତିଥି ଭବନ, ଶିକ୍ଷ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇନ୍‌ଡୋର୍ ଷ୍ଟାଡିୟମ, ଉଦ୍ୟାନ କୃଷି ପଡ଼ିଆ ଓ ସ୍ୱଚ୍ଛ ମାଛ ବଜାରଠାରେ କ୍ରମାନ୍ୱୟରେ ନିଜ ନିଜର ଯାନଗୁଡ଼ିକ ରଖିବେ।

ପୁଣି ସେଠାରୁ ପିକେଆର୍‌ଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୂଦାନ ଛକ, ଗ୍ରିଡ୍‌ଷ୍ଟେସନ ଛକ, ବାଲିଘାଟ ଛକ, ସମଙ୍ଗରା ଗ୍ରାମ ଦେଇ ବାଟଗାଁ ଛକଠାରୁ ଭୁବନେଶ୍ୱରକୁ ଫେରିପାରିବେ। କୋଣାର୍କ ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ବାଇଦାସ ନଗର ଛକ, ଗ୍ରିଡ୍‌ଷ୍ଟେସନ ଛକ ଦେଇ ତାଳବଣିଆ ପଟେ ରହଣିସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ ଶିକ୍ଷ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିୟମ, ଉଦ୍ୟାନ କୃଷି ପଡ଼ିଆ ଓ ସ୍ୱଚ୍ଛ ମାଛ ବଜାରଠାରେ କ୍ରମାନ୍ୱୟରେ ଯାନଗୁଡ଼ିକ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।

## ନିୟମିତ ଯାତ୍ରୀବାହୀ ସେବା

ବ୍ରହ୍ମଗିରି ପଟୁ ଆସୁଥିବା ନିୟମିତ ବସ୍ ବ୍ରହ୍ମଗିରି-ଗିରଳ ଛକ-ମଙ୍ଗଳାଘାଟ ବ୍ରିଜ୍-ସମଙ୍ଗ ପାର୍କିଂ ମାର୍ଗରେ ଚଳାଚଳ କରିବ। ସମଙ୍ଗ ପାର୍କିଂରୁ ମଙ୍ଗଳାଘାଟ ବ୍ରିଜ୍ ଓ ଗିରିଳ ଛକ ଦେଇ ବ୍ରହ୍ମଗିରିକୁ ଫେରିବ। ଭୁବନେଶ୍ୱର ପଟୁ ଆସୁଥିବା ନିୟମିତ ବସ୍ ସତ୍ୟବାଦୀ, ଚନ୍ଦନପୁର, ମାଳତୀପାଟପୁର ଓଭରବ୍ରିଜ୍ ଦେଇ ବାଇଦାସ ନଗର-ଗ୍ରିଡ୍ ଷ୍ଟେସନ-ଭୂଦାନ ଛକ-ଇଣ୍ଡୋର ଷ୍ଟାଡିୟମ-ତାଳବଣିଆ ବସ୍‌ଷ୍ଟାଣ୍ଡ ମାର୍ଗରେ ଚଳାଚଳ କରିବ। ଫେରିବା ସମୟରେ ତାଳବଣିଆ ବସ୍‌ଷ୍ଟାଣ୍ଡରୁ ବାହାରି ସେଣ୍ଟ୍ରାଲ ସ୍କୁଲ ଛକ, ଭୂଦାନ ଛକ, ଗ୍ରିଡ୍ ଷ୍ଟେସନ ଛକ, ବାଇଦାସ ନଗର, ରାମଚଣ୍ଡୀ-କୋଣାର୍କ-ଗୋପ-ନିମାପଡ଼ା-ପିପିଲି ଓଭରବ୍ରିଜ୍ ଦେଇ ଫେରିବେ। ଏପଟେ ତାଳବଣିଆ ପାର୍କିଂସ୍ଥଳଗୁଡ଼ଇକ ପୂର୍ଣ୍ଣ ହୋଇଗଲେ, ବସ୍‌ଗୁଡ଼ିକ ଭୂଦାନ ଛକ ନିକଟରେ ଯାତ୍ରୀଙ୍କୁ ଓହ୍ଲାଇଦେବେ ଏବଂ ସ୍ୱାମୀ ନାରାୟଣ ମନ୍ଦିର ନିକଟରେ ପାର୍କିଂ କରିବେ। ଫେରନ୍ତା ମାର୍ଗ ସ୍ୱାମୀ ନାରାୟଣ ମନ୍ଦିର, ଭୂଦାନ ଛକ, ଗ୍ରୀଡ୍ ଷ୍ଟେସନ, ବାଇଦାସ ନଗର, ରାମଚଣ୍ଡୀ-କୋଣାର୍କ-ଗୋପ-ନିମାପଡ଼ା ଦେଇ ପିପିଲି ଓଭରବ୍ରିଜ୍ ଦେଇ ଫେରିବେ। କୋଣାର୍କ ପଟୁ ଆସୁଥିବା ନିୟମିତ ବସ୍ ଚନ୍ଦ୍ରଭାଗା, ରାମଚଣ୍ଡି, ବାଲିଘାଇ, ବାଇଦାସ ନଗର, ଗ୍ରୀଡ୍‌ଷ୍ଟେସନ, ଭୂଦାନ ଛକ, ଇଣ୍ଡୋର ଷ୍ଟାଡିୟମ ଛକ, ତାଳବଣିଆ ବସ୍‌ଷ୍ଟାଣ୍ଡ ମାର୍ଗରେ ଚଳାଚଳ କରିବ। ତାଳବଣିଆ ପାର୍କିଂସ୍ଥଳ ପୂର୍ଣ୍ଣ ହୋଇଗଲେ ବସ୍‌ଗୁଡ଼ିକ ଭୂଦାନ ଛକ ନିକଟରେ ଯାତ୍ରୀମାନଙ୍କୁ ଓହ୍ଲାଇ ସ୍ୱାମୀ ନାରାୟଣ ମନ୍ଦିର ନିକଟରେ ପାର୍କିଂ କରିବେ। ଏହି ବସ୍‌ଗୁଡ଼ିକ ତାଳବଣିଆ ବସ୍‌ଷ୍ଟାଣ୍ଡରୁ ସେଣ୍ଟ୍ରାଲ୍ ସ୍କୁଲ, ଭୂଦାନ ଛକ, ଗ୍ରୀଡ୍‌ଷ୍ଟେସନ ଦେଇ ବାଲିଘାଇ ପଟେ ଫେରିବେ।

## ପର୍ଯ୍ୟଟନ ବସ୍

ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ୍‌ଗୁଡ଼ିକ ଗିରଳ ଛକ, ମଙ୍ଗଳାଘାଟ ବ୍ରିଜ୍ ଦେଇ ସମଙ୍ଗ ପାର୍କିଂଠାରେ ରହିବ। ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ୍‌ଗୁଡ଼ିକ ମାଳତୀପାଟପୁର ବସ୍‌ଷ୍ଟାଣ୍ଡଠାରେ ରହିବେ। ସେହିପରି କୋଣାର୍କ ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ୍‌ଗୁଡ଼ିକ ସ୍ୱାମୀ ନାରାୟଣ ମନ୍ଦିରଠାରେ ରହିବେ।

## ନୋ ଭେହିକଲ୍ ଜୋନ୍

ବଡଦାଣ୍ଡର ଡାକ୍ତରଖାନା ଛକରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳକୁ ନୋ ଭେହିକିଲ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ସେହିପରି ଯାତ୍ରୀକାଠାରୁ ଦିଗବାରେଣୀ ଛକ, ଝାଡ଼ଶ୍ୱରୀ ଛକରୁ ଡାକ୍ତରଖାନା ଛକ, ଜେଲ୍ ରୋଡ୍ ପାର୍କିଂରୁ ଡାକ୍ତରଖାନା ଛକ, ବୃଷବ ଛକରୁ ଶ୍ରୀମନ୍ଦିର, ସୋଲାଖିଆ ବରଗଛଠାରୁ ଶ୍ରୀମନ୍ଦିର, ମୋଚି ସାହି ଛକରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳକୁ ପ୍ରଶାସନ ନୋ ଭେହିକଲ୍ ଜୋନ୍ ଭାବେ ଘୋଷଣା କରିଛି। ଏହି ଅଞ୍ଚଳରେ କେବଳ ପ୍ରଶାସନର ଜରୁରିକାଳୀନ ସେବାରେ ନିୟୋଜିତ ଗାଡ଼ିଗୁଡ଼ିକ ଚଳାଚଳ କରିପାରିବ।




# ରାଜଧାନୀରେ ଚାଞ୍ଚଲ୍ୟ : ତ୍ରିକୋଣୀୟ ପ୍ରେମ ପାଇଁ ଝୁଲିପଡିଲେ ନର୍ସ

ଚନ୍ଦ୍ରଶେଖରପୁର ୧୫।୭(ନି.ପ୍ର.): ରାଜଧାନୀ ଭୁବନେଶ୍ୱରରେ ଜଣେ ଷ୍ଟାଫ୍ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ। ତ୍ରିକୋଣୀୟ ପ୍ରେମକୁ ନେଇ ଏଭଳି ଅଭାବନୀୟ ଘଟଣା ଘଟିଥିବା କୁହାଯାଉଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ନେଇ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଅଞ୍ଚଳର ଏକ ଭଡ଼ାଘରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ । ଘଟଣା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ମୃତ ଯୁବତୀ ଜଣେ ଷ୍ଟାଫ୍ ନର୍ସ ଭାବେ ପଟିଆରେ ଥିବା ଏକ ବେସରକାରୀହସ୍ପିଟାଲରେ କାର୍ଯ୍ୟରତ ଥିଲେ ଏବଂ ଡମଣା ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ । ସନ୍ଦେହଜନକ ପରିସ୍ଥିତିରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ପୁଲିସ ଦୁଇ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି । ସେମାନଙ୍କ ମଧ୍ୟରୁ ଜଣେ ମୃତ ନର୍ସଙ୍କ ପୂର୍ବତନ ପ୍ରେମିକ ବୋଲି ସୂଚନା ମିଳିଛି ।ପରିବାର ପକ୍ଷରୁ ଅଭିଯୋଗ ହୋଇଛି ଯେ, ପୂର୍ବତନ ପ୍ରେମିକ ତାଙ୍କୁ ବ୍ଲାକମେଲ୍ କରୁଥିଲେ, ଯାହା ଫଳରେ ସେ ମାନସିକ ଚାପରେ ରହୁଥିଲେ। ତେବେ ମୃତ୍ୟୁର ପ୍ରକୃତ କାରଣ ଆତ୍ମହତ୍ୟା କି ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି। ମୋବାଇଲ୍ ଫୋନ୍, ଡିଜିଟାଲ୍ ପ୍ରମାଣ ଏବଂ ଅନ୍ୟାନ୍ୟ ସାକ୍ଷ୍ୟ ସଂଗ୍ରହ କରାଯାଉଛି। ପୁଲିସ କହିଛି, ପୋଷ୍ଟମର୍ଟମ ରିପୋର୍ଟ, ଫରେନସିକ୍ ତଥ୍ୟ ଏବଂ ତଦନ୍ତରୁ ମିଳୁଥିବା ପ୍ରମାଣ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ନିଆଯିବ। ବର୍ତ୍ତମାନ ତଦନ୍ତ ଜାରି ରହିଛି ।

# ରାଜଗାଙ୍ଗପୁରରେ ରଥଯାତ୍ରା ପାଇଁ ପ୍ରସ୍ତୁତି

ରାଜଗାଙ୍ଗପୁର, ୧୫।୭(ନି.ପ୍ର.): ରାଜଗାଙ୍ଗପୁର ସହର ମଧ୍ୟରେ ତିନି ଟି ସ୍ଥାନ ରେ ରଥ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ର ଆୟୋଜନ ଜାରି ରହି ଅଛି । ରାଜଗାଙ୍ଗପୁର ସ୍ଥିତ କୁମାରକେଲା ସବୁ ଠାରୁ ପ୍ରାୟ ୨୦୦ବର୍ଷ ତଳେ ମାଟି ତଳୁ ଆର୍ବିଭବ ପ୍ରଭୁ ଜଗନ୍ନାଥ ମୂର୍ତ୍ତି ଙ୍କୁ ଗୋପୀ ନାଥ ଗରଡିଆ ଙ୍କ ପୂର୍ବ ପୁରୁଷ ମାନଙ୍କ ଅମଳ ଠାରୁ ପୂଜିତ ପ୍ରଭୁ ଜଗନ୍ନାଥ ଙ୍କୁ ପହଣ୍ଡି କରି ରଥରୁଢ଼ କରି ରଥ ଯାତ୍ରା ହୋଇ ଆସୁଥିବା ବର୍ତ୍ତମାନର ଗରତିଆ ବଂଶ ଧର ସୁରେଶ ଚନ୍ଦ୍ର ଗରତିଆ ଙ୍କ ତତ୍ୱାବଧାନରେ ନୂତନ ଜଗନ୍ନାଥ ମନ୍ଦିର ସ୍ଥାପନ କରି ତିନି ଠାକୁରଙ୍କୁ ତିନଟି ରଥ ନିର୍ମାଣ କରି ରଥଯାତ୍ରା ପାଇଁ ଆସୁଥିବା ପ୍ରସ୍ତୁତି କରାଯାଇ ଅଛି ସେହି ପରି ଲିପଲୋଇ ସ୍ଥିତ ପ୍ରଭୁ ଜଗନ୍ନାଥ ଙ୍କ ରଥଯାତ୍ରା ପ୍ରାୟ ୬୦ ବର୍ଷ ତଳୁ ଛୋଟ ରଥ ଟି ନିର୍ମାଣ କରାଯାଇ ଯାତ୍ରା କରା ଯାଇ ଆସୁ ଥିଲା ପରେ ୨୦୦୨ମସିହାରେ ତତ୍କାଳୀନ ରାଜ୍ୟ ମନ୍ତ୍ରୀ ମଙ୍ଗଳା କିଷାନ ଙ୍କ ଅବଦାନ ରେ ପୃଷ୍ଠପୋଷାକ କୃପାସିନ୍ଧୁ ପଣ୍ଡା ମନ୍ଦିର କମିଟି ର ସଭାପତି ଅଶୋକ ଦାସ ଙ୍କ ଚେଷ୍ଟାରେ ଲିପଲୋଇ ସ୍ଥିତ କୁମ୍ଭାରପଡା ଠାରେ ବିଶାଳ ଜଗନାଥ ମନ୍ଦିର ନିର୍ମାଣ କରାଯାଇ ପୁରାତନ ଏବଂ ନୂତନ ବିଗ୍ରହ ଙ୍କୁ ପ୍ରତିଷ୍ଠା କରାଯାଇ ପ୍ରଭୁ ତିନି ଠାକୁର ଙ୍କୁ ସ୍ଥାପନ କରି ନୂତନ ରଥ ନିର୍ମାଣ କରି ରଥଯାତ୍ରା କରାଇ ଥିଲା ।ପରେ ପୂର୍ବତନ କମିଟିକୁ ଅଣ ଦେଖା କରି ଯେଉଁ ମାନଙ୍କ ମନ୍ଦିର ନିର୍ମାଣ ରେ କୌଣସି ଅବଦାନ ନଥିଲା କିଛିବର୍ତ୍ତ ମାନ ମୁଷ୍ଟିମୟ ଲୋକ ଙ୍କ ଦ୍ୱାରା ରଥଯାତ୍ର ପାଇଁ



ପ୍ରସ୍ତୁତି ଲାଗିବା ପରେ ଉଭୟ ଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ମଧୁସୂଦନ କଲୋନୀ ମଧ୍ୟରେ ପ୍ରାୟ ୨୫ବର୍ଷ ତଳେ କୃଷ୍ଣ ଚନ୍ଦ୍ର ଜେନା ଙ୍କ ସହଯୋଗ ରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ତିନି ଠାକୁର ଙ୍କୁ ବିରାଜମାନ କରି ମନ୍ଦିର ନିର୍ମାଣ କରିବା ପରେ ୪ବର୍ଷ ତଳୁ ତିନି ଠାକୁର ଙ୍କୁ ପହଣ୍ଡି ବିଜେ କରି ରଥଯାତ୍ରା ଆରମ୍ଭ କରା ଯାଇଛି । ଚଳିତ ବର୍ଷ ର ପାଇଁ ରଥଯାତ୍ରା ପାଇଁ ମନ୍ଦିର ପ୍ରାଙ୍ଗଣରେ ଚଳ ଚଞ୍ଚଳ ଦେଖିବାକୁ ମିଳୁ ଅଛି ।

## ଡାହୁକ



ହେ ଭକତେ ହୋ......
ସର୍ବଗିଳା ଉତ୍ପାତ
ଜନତାଙ୍କ ପେଟେ ନାଡିମାରି ଯେତେ
ଗିଳିଲେ ପୁରୁନି ପେଟ
ଦେଇ ହରିବୋଲ ଡାକ କାଳିଆକୁ
ଫାଟିଯାଉ ତାଙ୍କ ପେଟରେ
ଝିଙ୍କି ଝିଙ୍କା ଝିଙ୍କା ଝିଙ୍କା
ଝିଙ୍କି ଝିଙ୍କା ଝିଁ.............।
-ବିଧୁ

# ପୁରୀରେ ଲଗାଣ ବର୍ଷାର ତାଣ୍ଡବ

## ୧୭୧ ମିମି ବର୍ଷାରେ ବୁଡ଼ିଲା ବଡ଼ଦାଣ୍ଡ, ଜଳବନ୍ଦୀ ହେଲା ଅନେକ ଅଞ୍ଚଳ

ପୁରୀ, ୧୫।୭(ନି.ପ୍ର.): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପର ପ୍ରଭାବରେ ଶ୍ରୀକ୍ଷେତ୍ର ପୁରୀରେ ଲଗାଣ ବର୍ଷା ଜାରି ରହିଛି। ଅବିରତ ବର୍ଷା ଫଳରେ ସହରର ବଡ଼ଦାଣ୍ଡ, ଜଗନ୍ନାଥ କଲୋନୀ ସମେତ ଅନେକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବାରୁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପୁରୀର ଏଭଳି ସ୍ଥିତି ଲୋକଙ୍କ ଚିନ୍ତା ବଢ଼ାଇଛି। ଗ

ତ ୨୪ ଘଣ୍ଟା ମଧ୍ୟରେ ପୁରୀ ସହରରେ ସର୍ବାଧିକ ୧୭୧ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି କୋଣାର୍କରେ ୧୦୦ ମିଲିମିଟର, ଅସ୍ତରଙ୍ଗରେ ୫୧ ମିଲିମିଟର ଏବଂ କାକଟପୁରରେ ୪୬ ମିଲିମିଟର ବର୍ଷା ହୋଇଛି। ପରିସ୍ଥିତିକୁ ଦେଖି ପାଣିପାଗ ବିଭାଗ ପୁରୀ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଏବଂ ଆହୁରି ବର୍ଷାର ସମ୍ଭାବନା ଥିବା ସୂଚନା ଦେଇଛି।ଲଗାଣ ବର୍ଷା ଯୋଗୁଁ ସହରର ବିଭିନ୍ନ ରାସ୍ତାରେ ପାଣି ଜମି ରହିଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନବାହନ ଧୀର ଗତିରେ ଚଳାଚଳ କରୁଛି। ଅନେକ ସ୍ଥାନରେ ଟ୍ରାଫିକ୍ ଜାମ୍ ମଧ୍ୟ ଦେଖାଦେଇଛି। ବ୍ୟବସାୟ, ଦୈନନ୍ଦିନ କାର୍ଯ୍ୟକଳାପ ଓ ସାଧାରଣ ଜୀବନ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଡ୍ରେନଗୁଡ଼ିକର ଠିକ୍ ସମୟରେ ସଫେଇ ହୋଇନଥିବାରୁ ବର୍ଷାଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇ ଜଳବନ୍ଦୀ ପରିସ୍ଥିତି ଉପୁଜିଛି।ଅନ୍ୟପଟେ, ସମୁଦ୍ର ମଧ୍ୟ ଅଶାନ୍ତ ରହିଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପ୍ରଶାସନ କଡ଼ା ପରାମର୍ଶ ଦେଇଛି। ଫଳରେ ଟ୍ରଲର, ଯନ୍ତ୍ରଚାଳିତ ଡଙ୍ଗା ଓ ଟାପ୍ପାଗୁଡ଼ିକ ମାଛଧରା ଘାଟରେ ଅଟକି ରହିଛି। ଏହାର ପ୍ରଭାବ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ମଧ୍ୟ ପଡ଼ିଛି। ପ୍ରଶାସନ ପକ୍ଷରୁ ଜଳବନ୍ଦୀ ଅଞ୍ଚଳ ଉପରେ କଡ଼ା ନଜର ରଖାଯାଉଛି। ଲୋକଙ୍କୁ ଅନାବଶ୍ୟକ ଘରୁ ବାହାରକୁ ନଯିବା, ଜଳମଗ୍ନ ରାସ୍ତାରେ ସତର୍କତାର ସହ ଯାତାୟାତ କରିବା ଏବଂ ସମୁଦ୍ରକୂଳଠାରୁ ଦୂରେ ରହିବାକୁ ପରାମର୍ଶ ଦିଆଯାଇଛି। ଲଘୁଚାପର ପ୍ରଭାବ ଆଗାମୀ କିଛି ସମୟ ଯାଏଁ ଜାରି ରହିବାର ସମ୍ଭାବନା ଥିବାରୁ ପୁରୀବାସୀଙ୍କ ଚିନ୍ତା ଆହୁରି ବଢ଼ିଛି।

# ସକାଳୁ ସକାଳୁ କିରାସିନି ଢାଳି ଯୁବତୀଙ୍କ ଆତ୍ମାହୁତି

ବ୍ରହ୍ମପୁର, ୧।୫।୭: ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଶାନ୍ତି ନଗର ପଞ୍ଚମ ଲେନ୍‌ରେ ଜଣେ ଯୁବତୀ ନିଜ ଦେହରେ କିରାସିନି ଢାଳି ଆତ୍ମାହୁତି ଦେଇଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ରାଜଶ୍ରୀ ବେହେରା। ତାଙ୍କୁ ୨୬ ବର୍ଷ ହୋଇଥିଲା। ସୂଚନା ଅନୁଯାୟୀ, ଆଜି ଭୋର ସାଢେ ୫ଟାରେ ଏହି ଘଟଣା ଘଟିଥିଲା। ରାଜଶ୍ରୀଙ୍କ ଦେହରେ ନିଆଁ ଲାଗିବା ପରେ ପରିବାର ଲୋକେ ଦେଖିଥିଲେ। ସେତେବେଳକୁ ନିଆଁ ହୁତୁ ହୁତୁ ହୋଇ ଜଳୁଥିଲା। ସେମାନେ ନିଆଁ ଲିଭାଇଥିଲେ ଓ ଗୁରୁତର ଅବସ୍ଥାରେ ରାଜଶ୍ରୀଙ୍କୁ ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜଶ୍ରୀ ଜଣେ ମାନସିକ ରୋଗୀ ଥିଲେ। ସେଥିପାଇଁ ତାଙ୍କର ଚିକିତ୍ସା ଚାଲିଥିଲା। ତାଙ୍କଠାରେ ଆତ୍ମହତ୍ୟା ପ୍ରବଣତା ରହିଥିଲା। ତେଣୁ ତାଙ୍କୁ ଏକୁଟିଆ ନଛାଡିବାକୁ ପରିବାର ଲୋକଙ୍କୁ କହିଥିଲେ ଡାକ୍ତର। ସେହି ଅନୁସାରେ ପରିବାର ଲୋକେ ତାଙ୍କର ଯତ୍ନ ନେଉଥିଲେ। କିଛି ଦିନ ତଳେ ସେ ଘରୁ କେଉଁଆଡେ ଚାଲିଯିବାକୁ ଚେଷ୍ଟା କରୁଥିବା ବେଳେ ପରିବାର ଲୋକେ ତାଙ୍କୁ ବୁଝାସୁଝା କରି ଆଣିଥିଲେ।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ ସୁଶାନ୍ତ ମଲ୍ଲିକ

ରାୟଗଡ଼ା, ୧୫।୭: ଭିଜିଲାନ୍ସ ଜାଲରେ ଗୁଣପୁର ତହସିଲ ଅନ୍ତର୍ଗତ ସିରିଝୋଲି ସର୍କଲର ରାଜସ୍ୱ ନିରୀକ୍ଷକ ସୁଶାନ୍ତ ମଲ୍ଲିକ। ଜଣେ ହିତାଧିକାରୀଙ୍କ ଠାରୁ ପଟା ଟ୍ରାନ୍ସଫର କରିବା ପାଇଁ ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ମାଡିବସିଲା ଭିଜିଲାନ୍ସ। ଚଢ଼ାଉ ସମୟରେ ରାୟଗଡା , ଭବାନୀପାଟଣା ଓ ଜୟପୁର ଭିଜିଲାନ୍ସ ବିଭାଗର ଟିମ୍ ସାମିଲ ଥିଲେ ।

ପୁରୁଣା ତହସିଲ ଅଫିସ କାର୍ଯ୍ୟାଳୟରେ ଚଢ଼ାଉ କରି ଭିଜିଲାନ୍ସ ବିଭାଗ ରଙ୍ଗ ବୋଲା ଯାଇଥିବା ଟଙ୍କା ଜବତ କରିଛି । ପରେ ଗୁଣପୁର ତହସିଲ କାର୍ଯ୍ୟାଳୟରେ ପହଂଚି ତହସିଲଦାରଙ୍କ ସହ ଘଟଣା ସମ୍ପର୍କରେ ଅବଗତ କରିବା ସହ ଗୁଣପୁର ପୌର ପରିଷଦ ଶ୍ରୀନଗର ସ୍ଥିତ ଭଡା ଘରେ ଓ ସିରିଝୋଲିର ଅଫିସରେ ମଧ୍ୟ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ୨ ଜଣ ଡିଏସପି, ୩ ଇନ୍ସପେକ୍ଟର, ଏଏସଆଇ ୩ ଜଣଙ୍କ ସମେତ ଏକ ୧୫ ଜଣିଆ ଟିମ୍ ସାମିଲ ଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, **Email : odishamanthan@gmail.com**

**● Editor : Sarat Raut** ସଂପାଦକ: ଶରତ ରାଉତ